## ଚାନ୍ଦା ପାଇଁ ଟୋଲ୍‌ଗେଟ୍ ପରିଚାଳକଙ୍କୁ ଆକ୍ରମଣ

ଭଣ୍ଡାରିପୋଖରୀ,୨୨।୨ (ରାଜେନ୍ଦ୍ର ଶତପଥୀ)

ଭଣ୍ଡାରିପୋଖରୀ ଥାନା ଅଧୀନ ୧୬ ନଂ. ଜାତୀୟ ରାଜପଥର ଭାଗଡ଼ା-ନାରାୟଣପୁର ଟୋଲ୍‌ଗେଟ ପରିଚାଳକଙ୍କୁ ଶନିବାର ସନ୍ଧ୍ୟାରେ ଆକ୍ରମଣ କରାଯାଇଛି। ଏନେଇ ଟୋଲ୍‌ଗେଟ୍ ପରିଚାଳକ ବଜରଙ୍ଗୀ ସିଂ ରବିବାର ଥାନାରେ ଅଭିଯୋଗ କରିଛନ୍ତି। ସେ ଅଭିଯୋଗରେ ଦର୍ଶାଇଛନ୍ତି, ଭୃତିଆ, ଲକ୍ଷ୍ମୀସାଗର, ଚାଇଁଖିଆ, ତେସିଙ୍ଗା, ପୁରିପଡ଼ା ଆଦି ଗ୍ରାମର କେତେଜଣ ରାଜନୈତିକ ବ୍ୟକ୍ତି ସନ୍ଧ୍ୟା ୭ଟା ୧୦ ବେଳେ ତାଙ୍କ କୋଠରୀକୁ ଆସି ଚାନ୍ଦା ମାଗିଥିଲେ। ଉପରିସ୍ଥ ଅଧିକାରୀଙ୍କ ଅନୁମତି ନେଇ ନିଷ୍ପତ୍ତି ହେବ ବୋଲି ସେ ଉତ୍ତର ଦେଇଥିଲେ। ଏଥିରେ ଉତ୍କ୍ଷିପ୍ତ ହୋଇ ସେମାନେ ତାଙ୍କୁ ଆକ୍ରମଣ କରିଥିଲେ। ଜଣେ ବ୍ୟକ୍ତି ଆସି ତାଙ୍କୁ ଉଦ୍ଧାର କରିଥିଲେ। ରିପୋର୍ଟ ଲେଖାହେବା ସୁଦ୍ଧା ଏନେଇ ଥାନାରେ ମାମଲା ରୁଜୁ ହୋଇନାହିଁ।

# ପୂରଣ ହେଲା ଜିଲାବାସୀଙ୍କ ଦୀର୍ଘଦିନର ସ୍ୱପ୍ନ

## ଭଦ୍ରକରେ ପ୍ରତିଷ୍ଠା ହେବ ବିଶ୍ୱବିଦ୍ୟାଳୟ

ଭଦ୍ରକ,୨୨।୨(ସନାତନ ରାଉତ)

ଭଦ୍ରକ ଜିଲାରେ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହେବ। ଭଦ୍ରକବାସୀଙ୍କ ବହୁ ପ୍ରତୀକ୍ଷିତ ତଥା ଦୀର୍ଘଦିନର ଦାବି ପୂରଣ ହେବାକୁ ଯାଉଛି। ଶୁକ୍ରବାର ବିଧାନସଭାରେ ମୁଖ୍ୟମନ୍ତ୍ରୀ ଭଦ୍ରକରେ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହେବ ବୋଲି ଘୋଷଣା କରିବା ପରେ ବିଭିନ୍ନ ମହଲରୁ ସ୍ୱାଗତ କରାଯାଇଛି। ଦୀର୍ଘ ୨୫ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଭଦ୍ରକବାସୀ ଦାବି କରିଆସୁଥିଲେ। ଦୀର୍ଘଦିନର ବିଜେଡି ସରକାରଙ୍କ ନିକଟରେ ଜିଲାବାସୀ ବାରମ୍ବାର ଦାବି କରିବା ସହ ଏଥିପାଇଁ ଦସ୍ତଖତ ଅଭିଯାନ, ଧାରଣା, ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲେ ମଧ୍ୟ ଏହି ଦାବି ପୂରଣ ହୋଇପାରି ନ ଥିଲା। ଗତ ସାଧାରଣ ନିର୍ବାଚନରେ ଭାଜପା ଭଦ୍ରକରେ ମେଡିକାଲ କଲେଜ ଓ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହେବ ବୋଲି ପ୍ରତିଶ୍ରୁତି ଦେବା ସହ ଏହାକୁ ପ୍ରମୁଖ ମୁଦ୍ଦା କରିଥିଲା। ଗତ କିଛି ମାସ ତଳେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭଦ୍ରକ ଗସ୍ତରେ ଆସି ଭଦ୍ରକରେ ମେଡିକାଲ କଲେଜ ଓ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହେବ ବୋଲି ଘୋଷଣା କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଏହି ଘୋଷଣା ପରେ କେବେ ଏହା ବାସ୍ତବ ରୂପ ନେବ ବୋଲି ଜିଲାବାସୀ ଚାହିଁ ବସିଥିଲେ। ବିଧାନସଭାରେ ବଜେଟ୍ ଅଧିବେଶନରେ ମୁଖ୍ୟମନ୍ତ୍ରୀଙ୍କ ଏହି ଘୋଷଣା ପରେ ଜିଲାବାସୀଙ୍କ ଭିତରେ ଖୁସିର ଲହରି ଖେଳିଯାଇଛି। ଶୁକ୍ରବାର ସନ୍ଧ୍ୟାରେ ବିଭିନ୍ନ ସଙ୍ଗଠନ ପକ୍ଷରୁ ବାଣ ଫୁଟାଇ ମିଠା ବାଣ୍ଟି ଖୁସି ମନାଇଛନ୍ତି। ତେବେ ବିଶ୍ୱବିଦ୍ୟାଳୟ କେଉଁ ଜାଗାରେ ପ୍ରତିଷ୍ଠା ହେବ, ଜିଲା ପ୍ରଶାସନ ଓ ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ପଷ୍ଟ ହୋଇ ନ ଥିବାବେଳେ କିଛିଦିନ ତଳେ ଜିଲା ପ୍ରଶାସନ ପକ୍ଷରୁ ବରପଦା ଇଞ୍ଜିନିୟରିଂ କଲେଜ ପରିସରରେ ଥିବା ୨୦ ଏକର ସରକାରୀ ଜମି ପରିଦର୍ଶନ କରାଯାଇଥିଲା। ଭଦ୍ରକ ବିଧାୟକ ସିତାଂଶୁ ଶେଖର ମହାପାତ୍ର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କୁ ଭେଟି କୃତଜ୍ଞତା ଜଣାଇଛନ୍ତି। ବିଧାୟକ ମହାପାତ୍ର କହିଛନ୍ତି, ଜିଲାବାସୀଙ୍କ ବହୁଦିନର ସ୍ୱପ୍ନ ପୂରଣ ହୋଇଛି। ଆମେ ଦେଇଥିବା ପ୍ରତିଶ୍ରୁତି ପାଳନ କରିଛୁ। ଏହି ବିଶ୍ୱବିଦ୍ୟାଳୟ ଆଗାମୀ ପିଢ଼ିଙ୍କ ସ୍ୱପ୍ନ ସାକାର କରିବ। ଆମ ଅଞ୍ଚଳର ଶିକ୍ଷାର ବିକାଶ ହେବାରେ ସହାୟକ ହେବ ବୋଲି ସେ କହିଛନ୍ତି।

### ବରିଷ୍ଠ ନାଗରିକ ସଂଘ ପକ୍ଷରୁ ସ୍ୱାଗତ

ଜିଲା ବରିଷ୍ଠ ନାଗରିକ ସଂଘ ପକ୍ଷରୁ ରାଜ୍ୟ ଭାଜପା ସଭାପତି ମନମୋହନ ସାମଲ, ଉଚ୍ଚ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ଓ ଏମ୍‌ପି ଅଭିମନ୍ୟୁ ସେଠୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ବିଳମ୍ବ ନ କରି ଖୁବ୍‌ଶୀଘ୍ର ଏହି ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ପାଇଁ ଭୂମି ପୂଜନ କରାଯିବାକୁ ସଂଘର ସଭାପତି ଲଲାଟେନ୍ଦୁ ମହାନ୍ତି, ସାଧାରଣ ସମ୍ପାଦକ କୈଳାସ ଚନ୍ଦ୍ର ମହାପାତ୍ର, କାର୍ଯ୍ୟକାରୀ ସଭାପତି ପଦ୍ମନ ରାୟଙ୍କ ସମେତ ସଂଘର କର୍ମକର୍ତ୍ତାମାନେ ନିବେଦନ କରିଛନ୍ତି।

### ଭଦ୍ରକ ବିଶ୍ୱବିଦ୍ୟାଳୟ ନାମରେ ନାମିତ କରାଯାଉ

ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ଜିଲା ପ୍ରମୁଖ ସ୍ୱାଧୀନ ସୁନ୍ଦର ଦାସ କହିଛନ୍ତି, ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଭଦ୍ରକବାସୀଙ୍କର ବହୁ ଦିନର ଦାବି ଥିଲା। ବିଦ୍ୟାର୍ଥୀ ପରିଷଦ ପକ୍ଷରୁ ଦୀର୍ଘଦିନ ଧରି ବିଶ୍ୱବିଦ୍ୟାଳୟ ପାଇଁ ଆନ୍ଦୋଳନ କରାଯାଇଥିଲା। ରାଜ୍ୟ ସରକାର ଏହି ଦାବି ପୂରଣ କରିଥିବାରୁ ବିଦ୍ୟାର୍ଥୀ ପରିଷଦ ପକ୍ଷରୁ କୃତଜ୍ଞତା ଜ୍ଞାପନ କରାଯାଉଛି। ଯଥାଶୀଘ୍ର ଏହାର କାର୍ଯ୍ୟ ଆରମ୍ଭ କରିବାକୁ ସେ ଅନୁରୋଧ କରିବା ସହ ଏହାର ନାମ ଭଦ୍ରକ ବିଶ୍ୱବିଦ୍ୟାଳୟ ରଖିବାକୁ ସେ ନିବେଦନ କରିଛନ୍ତି।

## ସଙ୍ଗଠନ ସୁଦୃଢ଼ କରିବାକୁ ଆହ୍ୱାନ



ସମ୍ମିଳନୀରେ ଭାଜପା ନେତା ଓ କର୍ମୀ।

### ଭାଜପାର କର୍ମୀ ସମ୍ମିଳନୀ

ଚାନ୍ଦବାଲି,୨୨।୨(କିଷାନ ପାତ୍ର)

ଚାନ୍ଦବାଲି ବ୍ଲକ ବଡ଼ଓସ୍ତିଆ ପଞ୍ଚାୟତରେ ଶନିବାର ସନ୍ଧ୍ୟାରେ ଭାଜପା ପକ୍ଷରୁ ଏକ ବିଶାଳ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଯୁବନେତା ଲଲାଟେନ୍ଦୁ ରାୟଙ୍କ ଫାର୍ମହାଉସ ତପବନରେ ଅନୁଷ୍ଠିତ ଏହି ସମ୍ମିଳନୀରେ ଦଳର ବହୁ ନେତା ଓ କର୍ମୀ ଯୋଗଦେଇଥିଲେ। ଆଗାମୀ ପଞ୍ଚାୟତ ନିର୍ବାଚନକୁ ନେଇ ରଣନୀତି, ସଙ୍ଗଠନ ମଜଭୁତୀକରଣ ଓ ଘରେ ଘରେ ସମ୍ପର୍କ ଅଭିଯାନ ବିଷୟରେ ଆଲୋଚନା କରାଯାଇଥିଲା। ନେତାମାନେ ଆଗାମୀ ଦିନରେ ଦଳକୁ ଅଧିକ ଶକ୍ତିଶାଳୀ କରିବା ସହ ସବୁ ବୁଥ୍ ସ୍ତରରେ ସଙ୍ଗଠନକୁ ସୁଦୃଢ଼ କରିବା ପାଇଁ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ। ଜିଲା ସାଧାରଣ ସମ୍ପାଦକ କମଳାକାନ୍ତ ସୂତାର, ଜଗନ୍ନାଥ ରାଉତ, ମା' କାଳୀ ମଣ୍ଡଳ ସଭାପତି ପ୍ରବୀର ରାଉତ, ତ୍ରିଲୋଚନ ବେହେରା, ଏନ୍‌ଏସି ସଭାପତି ବିକାଶ ବେହେରା, ପାରିଷଦ ଶୀତ ମହାଳିକ, ଶଶିକାନ୍ତ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ରାଜ୍ୟସ୍ତରୀୟ ବସନ୍ତ ଉତ୍ସବ ଓ ଲୋକକଳା ମହୋତ୍ସବ

ଭଦ୍ରକ, ୨୨।୨(ରବିନାରାୟଣ ଖିଲାର)

ମୂର୍ଚ୍ଛନା ଏବଂ ଓଡ଼ିଶା କଲ୍‌ଚର ଆର୍ଟ ଏକାଡେମୀ ପକ୍ଷରୁ ରବିବାର ଭଦ୍ରକ ଟାଉନ ହଲ୍‌ଠାରେ ରାଜ୍ୟସ୍ତରୀୟ ବସନ୍ତ ଉତ୍ସବ ଓ ଲୋକକଳା ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଇଂ. ଅଭୟ ସୂତାରଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲାପାଳ ଦିଲୀପ ରାଉତରାଏ ଏବଂ ସମ୍ମାନିତ ଅତିଥି ଭାବେ ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ବିଶିଷ୍ଟ ଅତିଥି ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ବିଭାଗ ଅଧିକାରୀ ଡ. ତ୍ରିଲୋଚନ ବରାଳ, ମୁଖ୍ୟବକ୍ତା ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ନଗେନ୍ଦ୍ର କୁମାର ପାଢ଼ୀ, ଅନ୍ୟତମ ସମ୍ମାନିତ ଅତିଥି ଭାବେ ଚଳଚ୍ଚିତ୍ର ଅଭିନେତା ମିଟୁ ମିଥୁନ, ଚଳଚ୍ଚିତ୍ର ଗାୟିକା ଏଞ୍ଜୋଲା ମିଶ୍ର, ଭାଗବତ ତୁଙ୍ଗି ପ୍ରଚାର ସମିତିର ସଭାପତି ନଙ଼୍ୁଲି ବାବା, ପ୍ରଦୀପ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଭଦ୍ରକର ଐତିହ୍ୟ ଓ ପରମ୍ପରା ଅତୀବ ପ୍ରାଚୀନ। ସମଗ୍ର ଦେଶରେ ଭଦ୍ରକୀୟ ସଂସ୍କୃତି ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରି ଆମର ପରିଚୟ ଶ୍ରୀବୃଦ୍ଧି କରିବାରେ ସହଯୋଗ କରିଛି ବୋଲି ଅତିଥିମାନେ କହିଥିଲେ। ଏହି ଅବସରରେ କବୟିତ୍ରୀ ଦମୟନ୍ତୀ ରାଉତଙ୍କ ଭକ୍ତି ସଂଗୀତ କ୍ୟାସେଟ 'ହେ ପ୍ରଭୁ ନୀଳାମୟ' ଉନ୍ମୋଚିତ ହୋଇଥିଲା। ଖବରଦାତା ଡ. ହରିହର ନାୟକ, ପ୍ରଭାତ କୁମାର ଦାଶ, ଅପୂର୍ବ ରଞ୍ଜନ ବେହେରା, ସଙ୍ଗୀତ ନିର୍ଦ୍ଦେଶକ ରାମନାରାୟଣ ମହାନ୍ତି, ରମେଶ ଚନ୍ଦ୍ର ରାୟ, ପଣ୍ଡିତ ସନ୍ତୋଷ ମିଶ୍ର, ସାମାଜିକ କର୍ମୀ କୃଷ୍ଣଚନ୍ଦ୍ର ବେହେରା, ଅଧ୍ୟାପିକା ଦେବସ୍ମିତା ମିଶ୍ର, ଶିକ୍ଷୟିତ୍ରୀ ମନୋରମା ରାୟ, କବୟିତ୍ରୀ ସଂଯୁକ୍ତା ବଳ, ମମତା ବଳ, କବି ଶଶାଙ୍କ ପଣ୍ଡା, କ୍ୟାପ୍‌ଟେନ ଓମ୍‌କାର, ରାଜଶ୍ରୀ ଓଝା, ଶଶିକାନ୍ତ ବେହେରା ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ସଂଗୀତ ନିର୍ଦ୍ଦେଶକ ଦିନେଶ କୁମାର ମଲ୍ଲିକ ମଞ୍ଚ ଆମନ୍ତ୍ରଣ ଏବଂ ପ୍ରତିଷ୍ଠାତା ସମ୍ପାଦକ ବସନ୍ତ କୁମାର ଦାସ ମହୋତ୍ସବର ବିବରଣୀ ପ୍ରଦାନ କରିଥିଲେ। ଶେଷରେ ଦମୟନ୍ତୀ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।


ମହୋତ୍ସବରେ ଅତିଥିମାନେ ଭକ୍ତି ସଂଗୀତ କ୍ୟାସେଟ ଉନ୍ମୋଚନ କରୁଛନ୍ତି।

# ଚୋରାମଦ ବିକ୍ରି, ତାତିଲେ ମହିଳା


ତିନିଘରିଆ ଗ୍ରାମର ମହିଳାମାନେ ବାଡ଼ି ଓ ଝାଡୁ ଧରି ପ୍ରତିବାଦ କରୁଛନ୍ତି।

### ବାଡ଼ି, ଝାଡୁ ଧରି ପ୍ରତିବାଦ କଲେ

ଧୁଷୁରୀ, ୨୨।୨ (ଦୀପ୍ତିରଞ୍ଜନ ନାୟକ)

ଧୁଷୁରୀ ଥାନା ଅଧୀନ ନଦୀଗାଁ ପଞ୍ଚାୟତର କୋଟିଲା ନାୟକଣୀ ପୀଠ ନିକଟରେ ଥିବା ଜଣେ ବ୍ୟକ୍ତିଙ୍କ ଘରେ ଚୋରାମଦ ବିକ୍ରିକୁ ନେଇ ମହିଳାମାନେ ତାତିଛନ୍ତି। ତିନିଘରିଆ ଗ୍ରାମର ବହୁ ମହିଳା ରବିବାର ମଧ୍ୟାହ୍ନରେ ସେଠାରେ ପହଞ୍ଚି ପ୍ରତିବାଦ କରିଛନ୍ତି। ମହିଳାମାନେ ଚୋରାମଦ ବେପାରୀଙ୍କ ମାଟିକାନ୍ଥ ଥିବା ସେହି ଘର ଭାଙ୍ଗିବାକୁ ଚେଷ୍ଟା କରିଥିବା ବେଳେ ସେଠାରୁ ବିପୁଳ ମଦ ଆଣି ପୋଲିସ ଜିମା ଦେଇଛନ୍ତି।

ହାତରେ ବାଡ଼ି ଓ ଝାଡୁ ଧରି ମହିଳାମାନେ ପ୍ରତିବାଦ କରିବା ସହ ମଦ ବନ୍ଦ ନାରା ଦେଇଥିଲେ। ଧୁଷୁରୀ ପୋଲିସ ଘଟଣାସ୍ଥଳରେ ପହଞ୍ଚି ୧ ପେଟିରୁ ଅଧିକ ଚୋରା ମଦ ଜବତ କରିଛି। ତେବେ ମଦ ବିକ୍ରି କରୁଥିବା ବ୍ୟକ୍ତି ଜଣେ କ୍ୟାନ୍‌ସର ଆକ୍ରାନ୍ତ ଦିବ୍ୟାଙ୍ଗ ବ୍ୟକ୍ତି। ତାଙ୍କ ନାମରେ ପୂର୍ବରୁ ମଦ ବିକ୍ରି ନେଇ ଅଭିଯୋଗ ରହିଛି। ଏଭଳି ରୋଗାକ୍ରାନ୍ତ ବ୍ୟକ୍ତି, ଯିଏ କି ଟ୍ରାଇସାଇକଲରେ ଯିବାଆସିବା କରନ୍ତି ତାଙ୍କୁ ଗିରଫ କରିବା ଆଇନ ସମ୍ମତ ନୁହେଁ ବୋଲି ଧାମନଗରର ଜଣେ ଆଇନଜୀବୀ କହିଛନ୍ତି। ଧୁଷୁରୀ ଥାନାଧିକାରୀ ମଦ ବିକ୍ରି କରୁଥିବା ଦିବ୍ୟାଙ୍ଗ ବ୍ୟକ୍ତିଙ୍କୁ ପଚରାଉଚରା କରିଛି। ଏନେଇ ଥାନାରେ ଏକ ମାମଲା (ନଂ.୮୪/୨୬) ରୁଜୁ ହୋଇଛି।

## 'ଭଲ ମଣିଷଙ୍କ ପାଇଁ ଗଠନ ହୋଇଥାଏ ସୁନ୍ଦର ସମାଜ'

ତିହିଡ଼ି,୨୨।୨(ସଞ୍ଜିତ ବଳ)

ତିହିଡ଼ି ବ୍ଲକ ଅଧୀନ ତାଳପଦା ପଞ୍ଚାୟତ ଆଗିରିଆ ସରକାରୀ ପ୍ରାଥମିକ ସ୍କୁଲର ବାର୍ଷିକ ଉତ୍ସବ ଓ ଅବସରକାଳୀନ ସମ୍ବର୍ଦ୍ଧନା ସଭା ରବିବାର ଅନୁଷ୍ଠିତ ହୋଇଯାଇଛି। ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘର ସଭାପତି ମାୟାଧର ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲାପାଳ ଦିଲୀପ ରାଉତରାଏ ଯୋଗଦେଇ କହିଥିଲେ, ଭଲ ମଣିଷଙ୍କ ପାଇଁ ସୁନ୍ଦର ସମାଜ ଗଠିତ ହୋଇଥାଏ। ଏଣୁ ଛାତ୍ରୀଛାତ୍ର ଭଲ ମଣିଷ ହେବା ଆବଶ୍ୟକ। ମୁଖ୍ୟବକ୍ତା ଭାବେ ବରିଷ୍ଠ କବି ଦୀନବନ୍ଧୁ ପତି ଯୋଗଦେଇ ପ୍ରତ୍ୟେକଙ୍କ ଚିନ୍ତାଧାରା ମାନବ କଲ୍ୟାଣରେ ଉଦ୍ଦିଷ୍ଟ ହେବା ଆବଶ୍ୟକ ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ଶିକ୍ଷକ ସଂଘର ପୂର୍ବତନ ଜିଲା ସମ୍ପାଦକ ମନୋରଞ୍ଜନ ନାୟକ, ସମ୍ପାଦକ ରମାକାନ୍ତ ଦାସ, ସଙ୍ଗଠନ ସମ୍ପାଦକ ରୂପେଶ କୁମାର ସାହୁ, ଉପସଭାପତି କଲାମ ଖାଁ, ଶିକ୍ଷକ ସରୋଜ କୁମାର ଦାସ, ସିଆର୍‌ସିସି ଶନିଶ୍ଚର ମହାଳିକ, ଶିବବ୍ରତ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଅବସରପ୍ରାପ୍ତ ସହକାରୀ ଶିକ୍ଷୟିତ୍ରୀ ଉଜ୍ଜ୍ୱଳା ମଞ୍ଜୁଳା ବାରିକ ଓ ପ୍ରଭାତୀ ଆଚାର୍ଯ୍ୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷକ ମନ୍ମଥ କୁମାର ଦାସ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିବା ବେଳେ ପ୍ରଧାନଶିକ୍ଷୟିତ୍ରୀ ସଂଯୁକ୍ତା ବେହେରା ଧନ୍ୟବାଦ ଦେଇଥିଲେ। ଛାତ୍ରୀଛାତ୍ର ସ୍ୱାଗତ ନୃତ୍ୟ ଓ ସଙ୍ଗୀତ ପରିବେଷଣ କରିଥିଲେ। କବି ବିଶ୍ୱନାଥ ବାରିକ, ସିଆର୍‌ସିସି ଦେବବ୍ରତ ଶତପଥୀ, ଶିକ୍ଷକ ସନ୍ତୋଷ ପାଣିଗ୍ରାହୀ, ସୁବାସ ଚନ୍ଦ୍ର ବେହେରା, ସଂଘମିତ୍ରା ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ। ସ୍କୁଲ ପରିଚାଳନା କମିଟି ସଭାପତି ସବିତା ବେହେରା, କୁନ୍ତଳତା ବେହେରା, ଶ୍ରୀକାନ୍ତ ପାତ୍ର, ସୂର୍ଯ୍ୟକାନ୍ତ ଜେନା, ରମେଶ ବେହେରା, ପରମାନନ୍ଦ ପାଢ଼ୀ, ପ୍ରଶାନ୍ତ ସେନାପତି ପ୍ରମୁଖ ସହଯୋଗ କରିଥିଲେ।


ଆଗିରିଆ ପ୍ରାଥମିକ ସ୍କୁଲରେ ସହକାରୀ ଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଉଛି।

## ଚାଷୀଙ୍କୁ ରବି ଫସଲ ବିହନ ବଣ୍ଟନ



ଆଗରପଡ଼ା,୨୨।୨(ସୁଶାନ୍ତ ଦାସ)

ବନ୍ତ ବ୍ଲକ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ରବି ଫସଲ ପାଇଁ ଚାଷୀମାନଙ୍କୁ ଉନ୍ନତମାନର ବିହନ ବଣ୍ଟନ କରାଯାଇଛି। ପୁରୁଷଣ୍ଡ ପଞ୍ଚାୟତର ଚାଷୀମାନଙ୍କୁ ରବି ଋତୁ ପାଇଁ ମୁଗ, ବିରି ଆଦି ରବି ଫସଲ ବିହନ ପ୍ରଦାନ କରାଯାଇଛି। ଗ୍ରାମ୍ୟ କୃଷି କର୍ମଚାରୀ ଓ କୃଷକ ସାଥୀମାନେ ଉପସ୍ଥିତ ରହି ଚାଷୀମାନଙ୍କୁ ବିହନ ବଣ୍ଟନ କରିବା ସହ ଏହାର ବ୍ୟବହାର ବିଷୟରେ ଅବଗତ କରାଇଥିଲେ।

## ମହିଳା, ତୃତୀୟ ଲିଙ୍ଗୀଙ୍କ ପାଇଁ ଧାମନଗର କୋର୍ଟରେ କମିଟି ଗଠନ

ଧାମନଗର,୨୨।୨ (ସନ୍ତୋଷ କୁମାର ମହାପାତ୍ର)

ମହିଳା ଓ ତୃତୀୟ ଲିଙ୍ଗୀଙ୍କ ପାଇଁ ଲିଙ୍ଗ ସଚେତନତା, ଯୌନ ଉତ୍ପୀଡ଼ନ (ନିରୋଧ, ପ୍ରତିକାର, ନିବାରଣ) ନେଇ ଧାମନଗର କୋର୍ଟରେ ଏକ କମିଟି ଗଠନ ନେଇ ଶନିବାର ଓକିଲ ସଂଘ ସଭାଗୃହରେ ଏକ ଜରୁରୀକାଳୀନ ବୈଠକ ଅନୁଷ୍ଠିତ ହୋଇଯାଇଛି। ଧାମନଗର ଓକିଲ ସଂଘ ସଭାପତି ଅଶୋକ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ସାଧାରଣ ସମ୍ପାଦକ ରଞ୍ଜିତ କୁମାର ମହାନ୍ତି ଉପସ୍ଥିତ ଥିଲେ। ସର୍ବୋଚ୍ଚ ନ୍ୟାୟାଳୟ ଏବଂ ଓଡ଼ିଶା ଉଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶ, ମାର୍ଗଦର୍ଶିକା ଚିଠି ନଂ. ୧୪୬/୧୮।୦୨।୨୦୨୬ ଅନୁସାରେ ଧାମନଗର କୋର୍ଟରେ ମହିଳା ଓ ତୃତୀୟ ଲିଙ୍ଗୀଙ୍କ ପାଇଁ ଏକ କମିଟି ଗଠନ କରାଯାଇଛି। ଉକ୍ତ କମିଟି ଗଠନ ପ୍ରକ୍ରିୟାରେ ସଂଘ ପକ୍ଷରୁ ୨ ଜଣ ମହିଳା ଆଇନଜୀବୀ ମିନତି ମଲ୍ଲିକ, ମଧୁସ୍ମିତା ମହାପାତ୍ର ଓ ସାମାଜିକ କର୍ମୀ ନାରାୟଣ ସାହାଣୀଙ୍କୁ ଚୟନ କରି କମିଟିରେ ସ୍ଥାନ ଦେବା ପାଇଁ ସର୍ବସମ୍ମତିକ୍ରମେ ପ୍ରସ୍ତାବ ଗୃହୀତ ହୋଇଥିଲା। ଗୃହୀତ ପ୍ରସ୍ତାବକୁ ଧାମନଗର କୋର୍ଟ ବିଚାରପତିଙ୍କ ମାଧ୍ୟମରେ ଓଡ଼ିଶା ହାଇକୋର୍ଟକୁ ଚିଠି ନମ୍ବର ୧୦୩/୨୧।୨।୨୦୨୬ରେ ଜଣାଯାଇଛି। ଅମରେନ୍ଦ୍ର ମହାନ୍ତି, ରାମଚନ୍ଦ୍ର ରାଉତ, ପର୍ଶୁରାମ ମହାପାତ୍ର, ଅଜିତ ଦାସ, ସ୍ନେହାଶିଷ ପଣ୍ଡା, ପ୍ରଜ୍ଞା ପାରମିତା ଦାଶ ପ୍ରମୁଖ ଆଇନଜୀବୀ ଉପସ୍ଥିତ ଥିଲେ।

## କୀର୍ତ୍ତନ ମଣ୍ଡପ ପ୍ରତିଷ୍ଠାତାଙ୍କୁ ସମ୍ବର୍ଦ୍ଧନା

ଭଣ୍ଡାରିପୋଖରୀ,୨୨।୨(ରାଜେନ୍ଦ୍ର ଶତପଥୀ)

ଭଣ୍ଡାରିପୋଖରୀ ବ୍ଲକ ଚତୁର୍ଭୁଜପୁର ମାଳଦା ଛୋଟେଶ୍ୱର ପୀଠରେ ରବିବାର ଏକ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଖବରଦାତା ଦୁର୍ଯ୍ୟୋଧନ ଲେଙ୍କାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସ୍ୱାମୀ ରାଜ ରାଜେଶ୍ୱରୀ, ଅନ୍ୟତମ ଅତିଥି ଭାବେ ପଞ୍ଚାୟତ ସମିତି ସଦସ୍ୟା ରୀତାଞ୍ଜଳି ସାମଲ, ବରିଷ୍ଠ ନାଗରିକ ସୁଦାମ ଚରଣ ଦାସ, ଯୁବନେତା ପ୍ରତ୍ୟୁଷ ସାମଲ, ଅଜୟ କୁମାର ରାଉତ ପ୍ରମୁଖ ଯୋଗ ଦେଇଥିଲେ। ଗ୍ରାମର ଯୁବ ଉଦ୍ୟୋକ୍ତା ଇଂ. ଦେବଦତ୍ତ ବାରିକ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି କୀର୍ତ୍ତନ ମଣ୍ଡପ ନିର୍ମାଣ, ମହାଦେବଙ୍କ ପୀଠରେ ଦେବଦେବୀଙ୍କ ବାସସ୍ଥଳୀ, ନବଗ୍ରହ ପ୍ରତିଷ୍ଠା କରିଥିବାରୁ ଅତିଥିମାନେ ତାଙ୍କୁ ସାଧୁବାଦ ଜଣାଇଥିଲେ। ଏହି ଅବସରରେ ଗ୍ରାମବାସୀଙ୍କ ପକ୍ଷରୁ ଅତିଥିମାନଙ୍କ ଦ୍ୱାରା ଦେବଦତ୍ତ ଓ ତାଙ୍କ ସ୍ତ୍ରୀ ପ୍ରଜ୍ଞା ପରମିତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଗ୍ରାମବାସୀ ଗୋବର୍ଦ୍ଧନ ଦାସ, ଶଶିକାନ୍ତ ଦାସ, ପରେଶ ବେହେରା, କାର୍ତ୍ତିକ ଚନ୍ଦ୍ର ସାମଲ, ପ୍ରଭାକର ଦାସ, ନିରାକାର ବେହେରା, ବୃନ୍ଦାବନ ବେହେରା, ମନୋଜ ବେହେରା, କାହ୍ନୁଚରଣ ବାରିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଶ୍ରୀରାମ ମହାଯଜ୍ଞ ସମିତି ପକ୍ଷରୁ ନିର୍ଦ୍ଦେଶନାମା ଜାରି

### ଅବମାନନା କଲେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ

ଭଦ୍ରକ,୨୨।୨(ସନାତନ ରାଉତ)

ଚଳିତବର୍ଷ ଶ୍ରୀରାମ ନବମୀ ମହୋତ୍ସବକୁ ଭବ୍ୟ ଓ ଦିବ୍ୟ ଭାବେ ପାଳନ କରିବାକୁ ଯୋଜନା ପ୍ରସ୍ତୁତ ହୋଇଛି। ନଗର ସଙ୍କୀର୍ତ୍ତନ ଶୋଭାଯାତ୍ରା ଲାଗି ମେଢ଼ କମିଟିଗୁଡ଼ିକ ପାଇଁ ସମିତି ପକ୍ଷରୁ ରବିବାର ନିର୍ଦ୍ଦେଶନାମା ପ୍ରେସ୍ ବିବୃତି ମାଧ୍ୟମରେ ଜାରି କରାଯାଇଛି। ମେଢ଼ ସହ ସଂଲଗ୍ନ ଥିବା ସାଉଣ୍ଡ ଗାଡ଼ିରେ ଭାଇବ୍ରେଟର ଲାଗିବ ନାହିଁ। ଉଭୟ ମେଢ଼ ଓ ସାଉଣ୍ଡ ଗାଡ଼ିର ଉଚ୍ଚତା ଗ୍ରାଉଣ୍ଡ ଲେଭଲରୁ ୧୪ ଫୁଟ୍‌ରୁ କମ୍ ଏବଂ ଓସାର ୧୦ ଫୁଟରୁ କମ୍ ରହିବ। ଭଦ୍ରକ ପୌରପାଳିକା ଓ ଭଦ୍ରକ ବ୍ଲକ୍‌ରୁ ବାହାରୁଥିବା ସବୁ ମେଢ଼ ଅପରାହ୍ନ ୩ଟାରେ ନେହେରୁ ଷ୍ଟାଡିୟମ୍‌ରେ ପହଞ୍ଚିବ। ଅନ୍ୟାନ୍ୟ ବ୍ଲକରୁ ବାହାରୁଥିବା ମେଢ଼ଗୁଡ଼ିକ ନୂଆ ବସ୍‌ଷ୍ଟାଣ୍ଡ ଗୋଶାଳା ଛକରେ ଅପରାହ୍ନ ୩ଟାରେ ପହଞ୍ଚିବ। ପୁରୁଣାବଜାର ଆଡୁ ଆସୁଥିବା ମେଢ଼ଗୁଡ଼ିକ ମୋଚି ଛକରେ ଅପରାହ୍ନରେ ୩ଟାରେ ଓ ଭଦ୍ରକ କଲେଜ ଛକ ଆଡୁ ଆସୁଥିବା ସମସ୍ତ ମେଢ଼ ବନ୍ତଛକରେ ଅପରାହ୍ନ ୩ଟାରେ ସାମିଲ ହେବେ। ଅସ୍ଥଳ ମେଢ଼ ଟାଉନ ହଲ୍ ଛକରେ, କୁଆଁସ ମେଢ଼ ଟାଉନ ଥାନା ଛକରେ ଓ ମଠସାହି ରାସ୍ତାରେ ଆସୁଥିବା ମେଢ଼ଗୁଡ଼ିକ ଗୋଶାଳା ଛକରେ ସାମିଲ ହେବେ। କୌଣସି ମେଢ଼ ଜାରି ହୋଇଥିବା ନିର୍ଦ୍ଦେଶନାମାକୁ ଅବମାନନା କଲେ ମହାଯଜ୍ଞ ସମିତି ପକ୍ଷରୁ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜଣାଯାଇଛି।

## ୬୨ ୟୁନିଟ୍ ରକ୍ତ ସଂଗୃହୀତ

ବାସୁଦେବପୁର,୨୨।୨(କାଳିପଦ ରାୟ)

ଭଦ୍ରକ ଜିଲା ବାସୁଦେବପୁର ପୌରାଞ୍ଚଳ ଅଧୀନ ନୀଳମଣି ଟାଉନହଲ୍‌ଠାରେ ବିଧାନସଭା କ୍ଷେତ୍ର ନେତା ବାଣୀକଲ୍ୟାଣ ମହାନ୍ତିଙ୍କ ଜନ୍ମଦିନ ଅବସରରେ ଶୁକ୍ରବାର ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ୬୨ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ପଦ୍ମପୁର ମଣ୍ଡଳ ସଭାପତି ରତିକାନ୍ତ ଦଳେଇ, ନଗର ସଭାପତି ଆଶୁତୋଷ ସାମଲ, ଚାନ୍ଦିମାଳ ମଣ୍ଡଳ ସଭାପତି ଜଗବନ୍ଧୁ ମଲ୍ଲିକ, ବେତଡ଼ା ମଣ୍ଡଳ ସଭାପତି ଅମର ନାୟକ, ନାୟକାଣିଡିହୀ ମଣ୍ଡଳ ସଭାପତି ଅମର ଦାସ, ଇରମ ମଣ୍ଡଳ ସଭାପତି ବିଜୟ କୁମାର ମାଝୀ, ଜିଲା ସଂଯୋଜକ ଡ. ପ୍ରତାପ ନାୟକ, କୋଷାଧ୍ୟକ୍ଷ ଜୟପ୍ରକାଶ ମଲ୍ଲିକ, ଭାଜପା ନେତା ଅଶୋକ କୁମାର ସାହୁ, ଡ. ଉମାକାନ୍ତ ଖୁଣ୍ଟିଆ, ମଧୁସୂଦନ ପାଢ଼ୀ ପ୍ରମୁଖ ଶିବିରରେ ଯୋଗ ଦେଇଥିଲେ।

# ମିଳୁନି ମାସିକ ପ୍ରୋତ୍ସାହନ ରାଶି

### ୩ କୃଷକ ସାଥୀଙ୍କ ଅଭିଯୋଗ

ବନ୍ତ,୨୨।୨(ହରିନାରାୟଣ ମହାନ୍ତି)

ବନ୍ତ ବ୍ଲକ ଅଧୀନ ଗୋବିନ୍ଦପୁର ପଞ୍ଚାୟତର କୃଷକ ସାଥୀ ପର୍ଶୁରାମ ପଣ୍ଡା, ଆଡ଼ିଆ ପଞ୍ଚାୟତର କୃଷକ ସାଥୀ ରାଧାକୃଷ୍ଣ ଆଇଚ, ତୋଡଗାଁର କୃଷକ ସାଥୀ ଭରତ ଚନ୍ଦ୍ର ପହିଙ୍କୁ ଆକ୍ରୋଶମୂଳକ ଭାବେ ୨୦୨୫ ଏପ୍ରିଲଠାରୁ ମାସିକ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଉ ନାହିଁ। ରବିବାର ବନ୍ତ ଜଳସେଚନ ଅଫିସ ପରିସର ଶିବ ମନ୍ଦିରଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସମ୍ପୃକ୍ତ କୃଷକ ସାଥୀମାନେ ଅଭିଯୋଗ କରିଛନ୍ତି।

ସେମାନେ ଦର୍ଶାଇଛନ୍ତି, ଏହି ବ୍ଲକ ଅଧୀନ ୨୫ ପଞ୍ଚାୟତର ପ୍ରାୟ ୪୦ଜଣ କୃଷକ ସାଥୀଙ୍କୁ ମାସିକ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଉଛି। ହେଲେ ସେମାନଙ୍କୁ ଆକ୍ରୋଶମୂଳକ ଭାବେ ୧୦ ମାସ ହେଲା ମାସିକ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଉ ନାହିଁ। ଏହା ବିରୋଧରେ ପ୍ରତିବାଦ କରିବା ଏବଂ ଆର୍‌ଟିଆଇ ମାଗିବା କ'ଣ ଅପରାଧ ବୋଲି ସେମାନେ ପ୍ରଶ୍ନ ଉଠାଇଛନ୍ତି। ବ୍ଲକ କୃଷି ଅଧିକାରୀ ଏହି ବ୍ଲକକୁ ଆସିବା ପରେ ପ୍ରଥମ ବୈଠକରେ କୃଷକ ସାଥୀଙ୍କ ନିଯୁକ୍ତି ଓ ବହିଷ୍କାର ସମ୍ପର୍କରେ ଆଲୋଚନା କରିଥିଲେ। ପରବର୍ତ୍ତୀ ସମୟରେ ସମ୍ପୃକ୍ତ କୃଷକ ସାଥୀମାନେ କୌଣସି କାରଣରୁ ଅଭିଯୋଗ କରିବା ପରେ କୃଷକ ସାଥୀ ସଂଘର ସମ୍ପାଦକ ରାଧାକୃଷ୍ଣ ଓ ସଭାପତି ପର୍ଶୁରାମଙ୍କୁ ଚାକିରିରୁ ବାହାର କରିବା ପାଇଁ ଯୋଜନା କରାଯାଉଛି। ୨୦୨୪-୨୫ ରବି ଫସଲ କାର୍ଯ୍ୟରେ ଅନିୟମିତତା, ବିହନ ବଣ୍ଟନରେ ହେରଫେର, ଚାଷ ନ କରି ହିତାଧିକାରୀ ଚୟନ, କାଗଜ କଲମରେ ସରକାରୀ ଯୋଜନା ପରିଚାଳନା କରାଯାଉଥିବା ନେଇ ପୂର୍ବରୁ କୃଷକ ସାଥୀମାନେ ଜିଲା କୃଷି ଅଧିକାରୀଙ୍କଠାରେ ଅଭିଯୋଗ କରିଥିଲେ। ମାତ୍ର କୌଣସି ସୁଫଳ ମିଳି ନ ଥିଲା। ମିଥ୍ୟା ଅଭିଯୋଗ ଆଧାରରେ ସମ୍ପୃକ୍ତ କୃଷକ ସାଥୀମାନଙ୍କୁ ଚାକିରିରୁ ବହିଷ୍କାର କରିବା ପାଇଁ ଯୋଜନା କରାଯାଉଛି। ବ୍ଲକ କୃଷି ଅଧିକାରୀଙ୍କ ଦରମା ବନ୍ଦ ସହ ତୁରନ୍ତ ଏଠାରୁ ବଦଳି କରାଯିବାକୁ ସେମାନେ ଦାବି କରିଛନ୍ତି। ବ୍ଲକ କୃଷି ଅଧିକାରୀ ତୁଷାରକାନ୍ତ ପତି କହିଛନ୍ତି, ସମ୍ପୃକ୍ତ ୩ କୃଷକ ସାଥୀ ଚାଷୀମାନଙ୍କୁ ପରାମର୍ଶ ଦିଅନ୍ତି ନାହିଁ କି କ୍ଷେତ୍ର ପରିଦର୍ଶନ କରନ୍ତି ନାହିଁ। ଏପରିକି ବ୍ଲକ କୃଷି ଅଧିକାରୀଙ୍କ ବିରୋଧରେ ଜାଲ୍ ଦସ୍ତଖତ କରି ମିଥ୍ୟା ଅଭିଯୋଗ ଆଣନ୍ତି। ସେଥିପାଇଁ ସେମାନଙ୍କ ବିରୋଧରେ ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ତେବେ ତାଙ୍କ ବିରୋଧରେ ସେମାନେ ଆଣିଥିବା ଅଭିଯୋଗ ମିଥ୍ୟା ବୋଲି କୃଷି ଅଧିକାରୀ କହିଛନ୍ତି।



ଖବରଦାତା ସମ୍ମିଳନୀରେ କୃଷକ ସାଥୀମାନେ ଅଭିଯୋଗପତ୍ର ଦେଖାଉଛନ୍ତି।

# ମିଲରଙ୍କ ହାତଟେକାକୁ ଚାହିଁ ରହିଛନ୍ତି ଚାଷୀ

**ଖଇରା ବ୍ଲକ୍**

## ମାସ ମାସ ଧରି ଅପେକ୍ଷା ପରେ ଘରକୁ ଧାନ ଫେରାଇ ନେଉଛନ୍ତି


ଖଇରା ସେବା ସମିତି ଆଗରେ ପଡ଼ିରହିଥିବା ଚାଷୀଙ୍କ ଧାନ।

ଖଇରା,୨୨।୨ (ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ବ୍ଲକ୍‌ରେ ଧାନକିଣା ସ୍ଥାଣୁ ହୋଇଯାଇଛି। ଅଧିକାଂଶ ମିଲର ଆଉ ମଣ୍ଡିକୁ ଗାଡ଼ି ପଠାଉ ନ ଥିବାରୁ ଚାଷୀମାନେ ଖରାବର୍ଷାରେ ଧାନକୁ ଜଗି ପଡ଼ି ରହିଛନ୍ତି। କେତେଜଣ ଚାଷୀଙ୍କ ଧାନ ମାସକ ପରେ ମଧ୍ୟ କିଣା ଯାଉ ନ ଥିବାରୁ ବାଧ୍ୟହୋଇ ସେମାନେ ଧାନ ଘରକୁ ଫେରାଇ ନେଉଛନ୍ତି। ଖଇରା ସଦର ମହକୁମାରେ ଥିବା କେବଳ ଖଇରା ସେବା ସମବାୟ ସମିତିର ଧାନକିଣା ତଥ୍ୟକୁ ହିସାବକୁ ନେଇ ପୁରା ୧୪ଟି ସମିତିର ଅବସ୍ଥା କଥା ଜାଣିହେବ। ଏହି ସମିତିରେ ୮୧୭ଜଣ ଚାଷୀ ୨୨ହଜାର ୩୪୫ କୁଇଣ୍ଟାଲ ଧାନ ବିକ୍ରି କରିବାକୁ ପଞ୍ଜୀକରଣ କରିଥିଲେ।

ଧାନକିଣିବାକୁ ୪ଟି ମିଲ ଟ୍ୟାଗ କରାଯାଇଥିଲା। ମୋଟ ୧୮ହଜାର କୁଇଣ୍ଟାଲ ଟାର୍ଗେଟ ଦିଆଯାଇଥିବାବେଳେ ଅଦ୍ୟାବଧି ୪୨୩ଜଣ ଚାଷୀଙ୍କ ନିକଟରୁ ୧୨ହଜାର ୭୧୫ କୁଇଣ୍ଟାଲ ଧାନ କିଣାଯାଇଛି। କେବଳ ୟୁନିଦିପ ମିଲ୍‌କୁ ଛାଡ଼ିଦେଲେ ଅନ୍ୟମାନେ ସେମାନଙ୍କ ଟାର୍ଗେଟ ପୂରଣ ପୂର୍ବରୁ ସମିତିରୁ ଧାନକିଣା ବନ୍ଦ କରିଦେଇଛନ୍ତି। ତିରୁମାଳା ୫ହଜାର ୫ଶହ କୁଇଣ୍ଟାଲ ଟାର୍ଗେଟରୁ ୪ହଜାର ୩ଶହ କୁଇଣ୍ଟାଲ, ବଜରଙ୍ଗୀ ମିଲ ୪.୫ହଜାର କୁଇଣ୍ଟାଲରୁ ୩.୫ହଜାର କୁଇଣ୍ଟାଲ ଧାନ କିଣିଛନ୍ତି। ୪ର୍ଥ ମିଲ ଭାବେ ଅଡା ଆଗ୍ରୋ ସିଣ୍ଡିକେଟକୁ ୩ହଜାର କୁଇଣ୍ଟାଲ କିଣିବାକୁ ଟାର୍ଗେଟ ମିଳିଥିବା ବେଳେ ମାତ୍ର ୮୯୭ କୁଇଣ୍ଟାଲ ଧାନକିଣି ଚୁପ ବସିଯାଇଛି। ଏଣୁ ମାସେ କିମ୍ବା ୧୫ଦିନ ତଳେ ଟୋକନ ପାଇଥିବା ଚାଷୀ ଧାନ ମିଲକୁ ଆଣି ବିକ୍ରିପାଇଁ ଚାତକ ଭଳି ଚାହିଁବସିଛନ୍ତି। କୁହାଯାଉଛି ଯେ, ମିଲର ଏଜେଣ୍ଟ ଯେଉଁ ୨ଦିନ ଧାନ କିଣିବାକୁ ଆସିଥିଲେ ୧୦ରୁ ୧୨ ପ୍ରତିଶତ କଟନିଛଟନି କରିବା ପରେ ଚାଷୀମାନେ ବିରୋଧ କରିବା ତଥା ଖୋଦ ସମିତି ସମ୍ପାଦକ ଜିଲାପାଳ, ଉପଜିଲାପାଳ ଏବଂ ମୁଖ୍ୟ ଜିଲା ଯୋଗାଣ ବିଭାଗ ଅଧିକାରୀଙ୍କୁ ଅଭିଯୋଗ ସତ୍ତ୍ୱେ ଏପର୍ଯ୍ୟନ୍ତ ମିଲରଙ୍କ ଉପରେ କୌଣସୀ ପ୍ରଭାବ ପକାଇ ପାରୁନାହିଁ। ମାସେ ଧରି କଡମିଆଁ ଗ୍ରାମର ଚାଷୀ ଧନେଶ୍ୱର ରାଉତ ସମିତି ଆଗରେ ଧାନରଖି ବିକ୍ରିପାଇଁ ଅପେକ୍ଷା କରି ଶେଷରେ ମିଲର ଏଜେଣ୍ଟ ନ ଆସିବାରୁ ରବିବାର ସକାଳେ ଟ୍ରାକ୍ଟରରେ ଧାନଲଦି ଘରକୁ ଫେରାଇନେବା ଭଳି ଘଟଣା ଧାନକିଣାରେ ଚାଲିଥିବା ଘୋର ଅବ୍ୟବସ୍ଥାକୁ ସୂଚାଉଛି। ଏ ସମ୍ପର୍କରେ ଜିଲା ଯୋଗାଣ ଅଧିକାରୀ ନୃସିଂହ ପଣ୍ଡାଙ୍କୁ ପଚାରିବାରୁ ମିଲରେ ଜାଗା ଅଭାବ ଦେଖାଇ ଅଧିକାଂଶ ମିଲର ଧାନକିଣିବାକୁ ଆସୁନାହାଁନ୍ତି। ତହସିଲଦାର ଏବଂ ଅନ୍ୟ ଅଧିକାରୀମାନେ ବିଭିନ୍ନ ମିଲ୍ ପରିଦର୍ଶନ କରୁଛନ୍ତି ରିପୋର୍ଟ ଦେବା ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି।

# ପଞ୍ଚାୟତ ନିର୍ବାଚନରେ ଦଳ ସଫଳତା ହାସଲ କରିବ: କଂଗ୍ରେସ


ବୈଠକରେ ଉପସ୍ଥିତ କଂଗ୍ରେସ ପଦାଧିକାରୀ।

ବାଲେଶ୍ୱର,୨୨।୨ (ବାଞ୍ଛାନିଧି ଦେ)

ତୃଣମୂଳସ୍ତରରେ ସାଧାରଣ ଲୋକଙ୍କ ସମସ୍ୟା ସହ ଜଡ଼ିତ ହେବାକୁ ପଡ଼ିବ। ଦଳର କର୍ମୀ ଓ ନେତାମାନେ ଭୋଟରଙ୍କୁ ଭଗବାନ ଭାବନ୍ତୁ। ଲୋକେ ବିଜେଡିକୁ ଦେଖିଲେ, ଭାଜପାକୁ ଦେଖୁଛନ୍ତି। ସାଧାରଣ ଲୋକେ ନ୍ୟାୟ ପାଉନାହାନ୍ତି। ଏଣୁ କଂଗ୍ରେସ ହିଁ ଏକମାତ୍ର ବିକଳ୍ପ। ଆସନ୍ତା ପଞ୍ଚାୟତ ଓ ପୌର ନିର୍ବାଚନରେ କଂଗ୍ରେସ ସଫଳତା ହାସଲ କରିବ ବୋଲି ରବିବାର ଅନୁଷ୍ଠିତ ବାଲେଶ୍ୱର ଜିଲା କଂଗ୍ରେସ ପଦାଧିକାରୀ ବୈଠକରେ ନେତାମାନେ କହିଛନ୍ତି। ବାଲେଶ୍ୱର ଜିଲା କଂଗ୍ରେସ କାର୍ଯ୍ୟାଳୟରେ ଆୟୋଜିତ ଏହି ବୈଠକରେ ଜିଲା କଂଗ୍ରେସ ସଭାପତି ସତ୍ୟଶିବ ଦାସ ଅଧ୍ୟକ୍ଷତା କରିଥିଲେ। ଆସନ୍ତା ୧୦ ଦିନ ମଧ୍ୟରେ ବ୍ଲକ କଂଗ୍ରେସ କମିଟି ଏବଂ ଜୋନ୍ ସଭାପତି ଚୟନ କରାଯିବ। ପ୍ରତି ମାସରେ ବିଧାନସଭା ନିର୍ବାଚନମଣ୍ଡଳୀସ୍ତରରେ ଏକ ମିଶ୍ରଣ ପର୍ବ କରିବାକୁ ସେ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଜିଲା କଂଗ୍ରେସ କମିଟିରେ ନୂତନ ପଦାଧିକାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପୂର୍ବତନ ଜିଲା କଂଗ୍ରେସ ସଭାପତି ସଞ୍ଜୀବ ଗିରି, ପୂର୍ବତନ ବିଧାୟକ ସୁଦର୍ଶନ ଜେନା, ଜଳେଶ୍ୱର କଂଗ୍ରେସ ନେତା ସୁଦର୍ଶନ ଦାସ, ବସ୍ତା ନେତା ବିଜନ ନାୟକ, ସୋର ନେତା ସୁବ୍ରତ ଧଡ଼ା, ସିମୁଳିଆ ନେତା ହିମାଂଶୁ ବେହେରା, ସଦର ନେତା ସରୋଜ ଲେଙ୍କା, ଜିଲା ଯୁବ କଂଗ୍ରେସ ସଭାପତି ରଞ୍ଜନ ଦାସ, ଜିଲା ସଂଖ୍ୟାଲଘୁ ସେଲ୍ ଅଧ୍ୟକ୍ଷ ଅଜଗର ଅଲ୍ଲୀ, ମନରେଗା ସଂଯୋଜକ ନିଶିଥ ବାରିକ, ଆର୍‌ଜିପିଆର୍‌ଏସ୍ ଅଧ୍ୟକ୍ଷ ଆଶିଷ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ଦଳକୁ ତୃଣମୂଳସ୍ତରରୁ ସୁଦୃଢ଼ କରିବା ଦିଗରେ ଗୁରୁତ୍ୱାରୋପ କରିଥିଲେ। ଯୁବନେତା ତୁଷାରକାନ୍ତି ତପସ୍ୱୀ, ଦେବଦତ୍ତ ଦାସ, ବିଜୟ ମହାନ୍ତି, ପଶୁପତି ଉପାଧ୍ୟାୟ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# 'ଗବେଷଣାରତ ଛାତ୍ରୀଛାତ୍ରଙ୍କ ପାଇଁ ଉପାଦେୟ'

ବାଲେଶ୍ୱର,୨୨।୨ (ବାଞ୍ଛାନିଧି ଦେ)

## 'ଅନ୍ତର୍ଜାତୀୟ ରାଜନୀତି' ପୁସ୍ତକ ଉନ୍ମୋଚିତ

ବାଲେଶ୍ୱର ଫକୀର ମୋହନ ମହାବିଦ୍ୟାଳୟ ପରିସରରେ ଶନିବାର ରାଜନୀତି ବିଜ୍ଞାନ ବିଭାଗର ଅଧ୍ୟାପକ ଡ. ସନ୍ତୋଷ କୁମାର ରାଉତଙ୍କ ଲିଖିତ ପୁସ୍ତକ 'ଅନ୍ତର୍ଜାତୀୟ ରାଜନୀତି' ଉନ୍ମୋଚିତ ହୋଇଯାଇଛି। ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଦିନେଶ ଚନ୍ଦ୍ର ଦାସ ଏବଂ ଫକୀର ମୋହନ କନିଷ୍ଠ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ସୋନାଲିସା ମହାନ୍ତି ଯୋଗଦେଇ ମିଳିତ ଭାବେ ଏହି ପୁସ୍ତକ ଉନ୍ମୋଚନ କରିଥିଲେ। ପୁସ୍ତକଟିର ସମୀକ୍ଷା କରିବା ସହ ଏହା ନୂତନ ଶିକ୍ଷାନୀତି ଅନୁଯାୟୀ ପ୍ରସ୍ତୁତ ହୋଇଥିବାରୁ ଉଚ୍ଚଶିକ୍ଷା ଓ ଗବେଷଣା କରୁଥିବା ଛାତ୍ରୀଛାତ୍ରଙ୍କ ପାଇଁ ଅତ୍ୟନ୍ତ ଉପାଦେୟ ହେବ ବୋଲି ଅତିଥିମାନେ କହିଥିଲେ। ଦର୍ଶନ ବିଭାଗର ବରିଷ୍ଠ ଅଧ୍ୟାପିକା ଡ. ଅଞ୍ଜନା ବେହେରା, ପ୍ରଶାସନିକ ଅଧିକାରୀ ଲକ୍ଷ୍ମୀନାରାୟଣ ନାୟକ, ଆକାଡେମିକ ବର୍ଷାର ସୁଜିତ କୁମାର ଦାସ, ଅର୍ଥନୀତି ବିଭାଗର ଅଧ୍ୟାପକ କୁଞ୍ଜ ବିହାରୀ ମହାନ୍ତି, ଅଧ୍ୟାପକ ଅଶୋକ ପ୍ରିୟଦର୍ଶୀ, ଅଦ୍ୱୈତ ରଞ୍ଜନ ନାୟକ, ସେକ୍ସନ ଅଧିକାରୀ ବଳରାମ ନାଏକ, ଆକାଉଣ୍ଟାଣ୍ଟ ନିରଞ୍ଜନ ତ୍ରିୟା ପ୍ରମୁଖ ଉପସ୍ଥିତ ଥିଲେ। ଏହି ପୁସ୍ତକଟି ଡ. ସନ୍ତୋଷ ଏବଂ ଧରଣୀଧର ବିଶ୍ୱବିଦ୍ୟାଳୟ ଶିକ୍ଷା ବିଭାଗର ଅଧ୍ୟାପକ ପ୍ରମୋଦ ବେହେରାଙ୍କ ଦ୍ୱାରା ମିଳିତ ଭାବେ ଲିଖିତ। ପାଠକମାନଙ୍କ ସୁବିଧା ପାଇଁ ଏହି ପୁସ୍ତକ ବର୍ତ୍ତମାନ ଅନ୍‌ଲାଇନ୍ ସପିଂ ସାଇଟ୍‌ରେ ମଧ୍ୟ ଉପଲବ୍ଧ ହୋଇଛି।


ଅତିଥିମାନଙ୍କ ଦ୍ୱାରା ପୁସ୍ତକ ଉନ୍ମୋଚନ କରାଯାଉଛି।

# ଜମି ପଞ୍ଜୀକରଣ ସତ୍ତ୍ୱେ ଧାନ ବିକ୍ରିରୁ ବଞ୍ଚିତ ଚାଷୀ


ଖବରଦାତା ସମ୍ମିଳନୀରେ ଗଦାଧର ଗିରି ସ୍ମୃତି ବିକାଶ ପରିଷଦର କର୍ମକର୍ତ୍ତା ଓ ଚାଷୀ।

ବାଲିଆପାଳ,୨୨।୨ (ଗୋପାଳ ଚନ୍ଦ୍ର ସାହୁ)

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ପ୍ରତାପପୁର ସେବା ସମବାୟ ସମିତି ଅଧୀନରେ ଥିବା ଚାଷୀମାନେ ଜମି ପଞ୍ଜୀକରଣ କରି ମଧ୍ୟ ସମିତିର ମଣ୍ଡିରେ ଧାନ ବିକ୍ରି କରିବାରୁ ବଞ୍ଚିତ ହେଉଛନ୍ତି। ରବିବାର ନାରାୟଣପୁରଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଚାଷୀମାନେ ଅଭିଯୋଗ କରିଛନ୍ତି। ଏହି ସମିତିରେ ଦଲାଲମାନଙ୍କ ସୁପାରିଶକ୍ରମେ ଚାଷୀଙ୍କ ଧାନ ବିକ୍ରି ପାଇଁ ଜମି ପଞ୍ଜୀକରଣ କରାଯାଉଥିବା ଚାଷୀମାନେ ଅଭିଯୋଗରେ ଦର୍ଶାଇଛନ୍ତି।

ସେମାନେ ଦର୍ଶାଇଛନ୍ତି ଯେ, ସ୍ୟାଟେଲାଇଟ ସର୍ଭେ ପେଣ୍ଡିଂ ରହୁଥିବା ଫଳରେ ପ୍ରକୃତ ଚାଷୀଙ୍କ ଜମିକୁ ସମିତି ପକ୍ଷରୁ ଠିକ୍ ଭାବେ ସର୍ଭେ କରା ନ ଯାଇ ଅଣଚାଷୀଙ୍କ ଖାତା ଦ୍ୱାରା ଅଧିକ ଧାନ ବିକ୍ରି ପାଇଁ ସମସ୍ତ ବ୍ୟବସ୍ଥା କରାଯାଉଛି। ଏହାଦ୍ୱାରା ବେପାରୀଙ୍କଠାରୁ ଚାଷୀଙ୍କ ନାମରେ ଧାନ କିଣି ସମିତି କର୍ମଚାରୀ ଓ ଦଲାଲମାନେ ମାଲେମାଲ ହେଉଛନ୍ତି। ପ୍ରକୃତ ଚାଷୀ ଧାନ ବିକ୍ରି କରିପାରୁ ନ ଥିବାବେଳେ ବେପାରୀଙ୍କ ଧାନକୁ ଅଣଚାଷୀଙ୍କ ଖାତାରେ ବିକ୍ରି କରାଯାଉଛି। ଏପରିକି ଚାଷୀ ଯଦି ୪ ଏକର ଜମି ପଞ୍ଜୀକରଣ କରୁଛନ୍ତି, ତା'ହେଲେ ସେମାନେ ୧ ଏକରରୁ କମ୍ ଜମିର ଧାନ ବିକ୍ରି ପାଇଁ ଟୋକନ ପାଉଛନ୍ତି। ଏହାଦ୍ୱାରା ସେମାନେ ସମବାୟ ସମିତି ମାଧ୍ୟମରେ ସବୁ ଧାନ ବିକ୍ରି କରି ନ ପାରି ଖୋଲା ବଜାରରେ କମ୍ ଦରରେ ବିକିବାକୁ ବାଧ୍ୟ ହେଉଛନ୍ତି। ଫଳରେ ଚାଷୀଙ୍କର କ୍ଷତି ହେଉଛି ବୋଲି ଗଦାଧର ଗିରି ସ୍ମୃତି ବିକାଶ ପରିଷଦର ଆବାହକ ବିକାଶ ଗିରି, ଲକ୍ଷ୍ମଣ ପରିଡ଼ା, ପୂର୍ଣ୍ଣଚନ୍ଦ୍ର ସାମନ୍ତରାୟ, ଅଜୟ କୁମାର ମହାନ୍ତି, ନିର୍ମଳ କୁମାର ଗିରି, ବଳରାମ ଦାସ, କୁମୁଦ ପରିଡ଼ା, ନାରାୟଣ ଯେନା, ଉତ୍ତମ ମଇଁଶାଳ, ବରେନ୍ଦ୍ର ସାମନ୍ତରାୟ ପ୍ରମୁଖ ଅଭିଯୋଗ କରିବା ସହ ନ୍ୟାୟିକ ତଦନ୍ତ ଦାବି କରିଛନ୍ତି। ଏଥିସହ ଚାଷୀ ଦ୍ୱାରା ପଞ୍ଜୀକୃତ ଜମି ମୁତାବକ ସରକାରଙ୍କଠାରୁ ଟୋକନ ପାଇବା ଏବଂ କଟ୍‌ନି ଛଟ୍‌ନିମୁକ୍ତ ଧାନ ବିକ୍ରି ବ୍ୟବସ୍ଥା ପାଇଁ ସେମାନେ ସରକାରଙ୍କଠାରେ ନିବେଦନ କରିଛନ୍ତି। ସରକାର ଏ ଦିଗରେ ଉଚିତ ପଦକ୍ଷେପ ନ ନେଲେ, ବ୍ୟାପକ ଚାଷୀ ଆନ୍ଦୋଳନ କରାଯିବ ବୋଲି ପରିଷଦ ପକ୍ଷରୁ ଚେତାବନୀ ଦିଆଯାଇଛି।

# ରାଜ୍ୟ ବଜେଟ ମହିଳାଙ୍କ ପାଇଁ ପ୍ରତାରଣାପୂର୍ଣ୍ଣ

ଭୋଗରାଇ,୨୨।୨ (ପ୍ରଦୀପ ଦାସ)

ରାଜ୍ୟ ସରକାରଙ୍କ ଦ୍ୱାରା ଫେବୃଆରୀ ୨୦ ତାରିଖରେ ବିଧାନସଭାରେ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ଉପସ୍ଥାପନ ହୋଇଥିବା ରାଜ୍ୟ ବଜେଟ୍‌ରେ ମହିଳାଙ୍କ ବିକାଶ କଥା ଉଲ୍ଲେଖ କରାଯାଇଛି। ମାତ୍ର ରାଜ୍ୟରେ ଅଣସଙ୍ଗଠିତ କ୍ଷେତ୍ରରେ କାମ କରୁଥିବା ମହିଳା ଶ୍ରମିକଙ୍କ ସମେତ ସରକାରଙ୍କର ବିଭିନ୍ନ ସ୍କିମଗୁଡ଼ିକୁ ବାସ୍ତବ ରୂପ ଦେଉଥିବା ଅନେକ ଲକ୍ଷ ଆଶା, ଅଙ୍ଗନୱାଡି, ମଧ୍ୟାହ୍ନ ଭୋଜନ ପାଚିକା ସହାୟିକାଙ୍କ ସମ୍ପର୍କରେ କୌଣସି ଉଲ୍ଲେଖ ନାହିଁ। ଅଲ ଇଣ୍ଡିଆ ମହିଳା ସାଂସ୍କୃତିକ ସଂଗଠନ (ଏଆଇଏମ୍‌ଏସ୍‌ଏସ୍) ସର୍ବଭାରତୀୟ ସାଧାରଣ ସମ୍ପାଦିକା ଛବି ମହାନ୍ତି, ଓଡ଼ିଶା ରାଜ୍ୟ ସଭାନେତ୍ରୀ ସ୍ୱୟଂପ୍ରଭା ନାୟକ ଓ ସମ୍ପାଦିକା ସରୋଜିନୀ ନାୟକ ଏକ ମିଳିତ ବିବୃତ୍ତିରେ ସୂଚନା ନେଇଛନ୍ତି।

ବିବୃତିରେ ଉଲ୍ଲେଖ କରିଛନ୍ତି, ଖୁବ୍ ନଗଣ୍ୟ ପାରିଶ୍ରମିକରେ କାମ କରୁଥିବା ସ୍କିମ୍ ୱାର୍କରମାନେ ସେମାନଙ୍କର ଦରମା ବୃଦ୍ଧି ପାଇଁ କ୍ରମାଗତ ସରକାରଙ୍କ ନିକଟରେ ଦାବି କରି ଆସୁଥିଲେ ସୁଦ୍ଧା ଏ ବିଷୟରେ ସରକାରଙ୍କ ବଜେଟ୍ ନିରବ। ବଜେଟ୍‌ରେ ମହିଳାଙ୍କର ବିକାଶ କଥା କୁହାଯାଇଛି। ମାତ୍ର ଓଡ଼ିଶା ନାରୀ ନିର୍ଯ୍ୟାତନା କ୍ଷେତ୍ରରେ ଦେଶରେ ଶୀର୍ଷ ସ୍ଥାନରେ ରହିଛି। ଛୋଟ ଶିଶୁଠାରୁ ବୟସ୍କ ମହିଳା ପର୍ଯ୍ୟନ୍ତ ସର୍ବତ୍ର ଅସଦାଚରଣ, ଅପହରଣ, ଗଣ ଧର୍ଷଣ ଓ ହତ୍ୟାର ଶିକାର ହେଉଛନ୍ତି। ସରକାରକୁ ଆସିଲେ ଓଡ଼ିଶାକୁ ମଦ ମୁକ୍ତ କରିବ ବୋଲି ନିର୍ବାଚନୀ ପ୍ରତିଶ୍ରୁତି ଦେଇଥିବା ଭାଜପା ସରକାର ନିଶାରୁ ଜନଗଣଙ୍କୁ ମୁକ୍ତ କରିବା ପରିବର୍ତ୍ତେ ଲଗାତର ମଦର ପ୍ରସାର କରି ଚାଲିଛନ୍ତି। ବଜେଟ୍‌ରେ ସ୍ୱାସ୍ଥ୍ୟ ବ୍ୟବସ୍ଥା ସହିତ ସମ୍ପର୍କିତ ୧୧ଟି ଯୋଜନା ଅଣାଯାଇଛି। ମାତ୍ର ରୋଗୀ ସର୍ବପ୍ରଥମେ ପହଞ୍ଚି ପାରୁଥିବା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଆବଶ୍ୟକୀୟ ଡାକ୍ତର, ନର୍ସ, ସ୍ୱାସ୍ଥ୍ୟ କର୍ମଚାରୀଙ୍କ ସମେତ ଅତ୍ୟାଧୁନିକ ଯନ୍ତ୍ରପାତି ଓ ଔଷଧ ସମ୍ପର୍କରେ କିଛି କୁହାଯାଇନାହିଁ। ଶିକ୍ଷକ ନିଯୁକ୍ତି ମାଧ୍ୟମରେ ଶିକ୍ଷାନୁଷ୍ଠାନଗୁଡ଼ିକୁ ରୁଗଣ ହେବାରୁ ରକ୍ଷା କରିବା ପାଇଁ କିଛି ସ୍ପଷ୍ଟ କରାଯାଇନାହିଁ। ରାଜ୍ୟ ସରକାରଙ୍କ ଚଳିତ ବଜେଟ ପରମ୍ପରା ଧର୍ମୀ ଓ ଗତାନୁଗତିକ। ଯାହା ରାଜ୍ୟବାସୀଙ୍କର ବାସ୍ତବ ଓ ମୌଳିକ ସମସ୍ୟା ସମାଧାନର ପ୍ରତିଫଳନ ନୁହେଁ। ବିକଶିତ ଓଡ଼ିଶାର ଆତ୍ମପ୍ରଚାର କରୁଥିବା ରାଜ୍ୟ ସରକାର ନିର୍ବାଚନ ପୂର୍ବରୁ ୩୦୦ ୟୁନିଟ୍ ବିଦ୍ୟୁତ୍ ଛାଡ଼, ଦରଦାମ ହ୍ରାସ କରିବା କଥା କହିଥିଲେ। ଏ ବିଷୟରେ ମଧ୍ୟ ବଜେଟରେ କିଛି କୁହାଯାଇନାହିଁ। ତେଣୁ ଏହି ବଜେଟ ଏକ ପ୍ରତାରଣା ପୂର୍ଣ୍ଣ ବଜେଟ। ଅଲ ଇଣ୍ଡିଆ ମହିଳା ସାଂସ୍କୃତିକ ସଂଗଠନ ବଜେଟକୁ ପ୍ରତ୍ୟାଖାନ କରିବା ସହିତ ଆନ୍ଦୋଳନ ଆହ୍ୱାନ ଦେଇଛି।

# ସୁଭଦ୍ରା ଶକ୍ତି ମେଳା ଉଦ୍‌ଘାଟିତ

ବାଲେଶ୍ୱର,୨୨।୨ (ମୃତ୍ୟୁଞ୍ଜୟ ପଟ୍ଟନାୟକ)

ବାଲେଶ୍ୱର ଜିଲା ପ୍ରଶାସନ ପକ୍ଷରୁ ସ୍ଥାନୀୟ ଆଇଟିଆଇ ପଡ଼ିଆରେ ଆୟୋଜିତ ହୋଇଥିବା ସୁଭଦ୍ରା ଶକ୍ତି ମେଳା ଓ ହସ୍ତତନ୍ତ ମେଳା ରବିବାର ଉଦ୍‌ଘାଟିତ ହୋଇଯାଇଛି। ବାଲେଶ୍ୱର ସଦର ବିଧାୟକ ମାନସ ଦତ୍ତ, ଜିଲା ପରିଷଦ ଅଧ୍ୟକ୍ଷ ନାରାୟଣ ପ୍ରଧାନ, ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଉପ-ଜିଲାପାଳ ଶିବ ମାଲବୀୟ, ଅତିରିକ୍ତ ଜିଲାପାଳ ସୁଧାକର ନାୟକ, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ସଞ୍ଜୟ ରାଉତ, ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ମଧୁସ୍ମିତା ସାମଲ ମଞ୍ଚାସୀନ ହୋଇ ମେଳାର ମୁଖ୍ୟ ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ମେଳା ଗ୍ରାମୀଣ କାରିଗରଙ୍କୁ ବିଭିନ୍ନ ବଜାର ସହିତ ସଂଯୋଗ କରି ତାଙ୍କ ମଧ୍ୟରେ ଆତ୍ମବିଶ୍ୱାସ ବୃଦ୍ଧି କରିବା ସହ ଗ୍ରାମୀଣ ଉତ୍ପାଦ ଓ ହସ୍ତଶିଳ୍ପର ଉନ୍ନତିକୁ ତ୍ୱରାନ୍ୱିତ କରିବ ବୋଲି ଅତିଥିମାନେ କହିଥିଲେ। ଗ୍ରାମାଞ୍ଚଳ ଅର୍ଥନୀତିକୁ ସୁଦୃଢ଼ କରିବା ପାଇଁ ମହିଳାଙ୍କ ଲାଗି ସରକାର ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ଏହି ସମସ୍ତ ଯୋଜନାରେ ମହିଳା ସାମିଲ ହୋଇ ଯେଉଁ ସବୁ ଉତ୍ପାଦ ପ୍ରସ୍ତୁତ କରିଛନ୍ତି, ଏହି ମେଳା ଦ୍ୱାରା ସେହି ସବୁ ଉତ୍ପାଦକୁ ବିଭିନ୍ନ ବଜାର ସହିତ ସଂଯୋଗ କରି ପାରିବ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ। ସଭା ଶେଷ ହେବା ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଆଗରପଡ଼ା ହିଟ୍ ମାଇଣ୍ଡ ଚାମ୍ପିୟନ

ଖଇରା,୨୨।୨ (ଉତ୍କଳ ବନ୍ଧୁ ପଣ୍ଡା)

## ସୁନ୍ଦରପୁର କ୍ରିକେଟ ଫେଷ୍ଟିଭାଲ୍

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ସୁନ୍ଦରପୁର ହାଇସ୍କୁଲ ପଡ଼ିଆରେ ଚାଲିଥିବା ସୁନ୍ଦରପୁର କ୍ରିକେଟ ଫେଷ୍ଟିଭାଲ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ୍ ମ୍ୟାଚରେ ଆଗରପଡ଼ାର ହିଟ୍ ମାଇଣ୍ଡ ଟିମ୍ ଭଦ୍ରକର ଇମେଜ ଇଲେଭେନକୁ ୬ଉଇକେଟରେ ପରାସ୍ତ କରି ଚାମ୍ପିୟନ ହୋଇଛି। ପୁରସ୍କାର ବିତରଣୀ ଉତ୍ସବରେ ଯୁବନେତା ନୀଳ ମାଧବ ପଣ୍ଡା, ବାଲେଶ୍ୱର ଭଦ୍ରକ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ସଭାପତି ଗଣେଶ ପ୍ରସାଦ ବେହେରା, ନୟାଖଣ୍ଡି ସରପଞ୍ଚ ମମତା ବେହେରା, ଭାରତୀୟ ସେନା ର କାର୍ଯ୍ୟରତ ଯବାନ ଅଭିମନ୍ୟୁ ନାୟକ, ଶିକ୍ଷୟିତ୍ରୀ ସୁଲୋଚନା ଭୋଳ ବିଶିଷ୍ଟ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଟିମକୁ ଟ୍ରଫିସହ ୫୭ ହଜାର ୭୭୭ ଓ ରନର ଅପ ଟିମ୍‌କୁ କପ ସହ ୩୭ ହଜାର ୭୭୭ ଟଙ୍କା ପ୍ରଦାନ କରିଥିଲେ। ଉତ୍ତମ ପ୍ରଦର୍ଶନ ପାଇଁ ହିରାଲାଲ ମେଣ୍ଡିସ, ଟିପୁ ସୁଲତାନ,ରମେଶ ମେଲକା ଇତ୍ୟାଦିଙ୍କୁ ପୁରସ୍କୃତ କରାଯାଇଥିଲା। ମା' ତାରିଣୀ କ୍ଲବର ସଭାପତି ହିମାଂଶୁ ଶେଖର ରାଉତ, ସମ୍ପାଦକ ସତ୍ୟବିଜୟ ମହାପାତ୍ର, ତପନ ସଙ୍ଗ ସମେତ ଆୟୋଜକ ମା' ତାରିଣୀ କ୍ଲବର ସମସ୍ତ ସଭ୍ୟ ଟୁର୍ନାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ। ବୁଦ୍ଧାଦିତ୍ୟ ମଞ୍ଚ ପରିଚାଳନା କରିଥିଲେ।

# ଉଦ୍ୟାନ କୃଷି କର୍ମଚାରୀଙ୍କ ମୃତ୍ୟୁ

ସିମୁଳିଆ,୨୨।୨ (ସନ୍ତୋଷ ନାୟକ)

ସିମୁଳିଆ ଉଦ୍ୟାନ କୃଷି ବିଭାଗର କର୍ମଚାରୀ ଉମ୍ବରୁଧର ନାୟକଙ୍କ ଶନିବାର ସନ୍ଧ୍ୟାରେ ମୃତ୍ୟୁ ଘଟିଛି। ଅସୁସ୍ଥ ଅନୁଭବ କରିବାରୁ ତାଙ୍କୁ ସିମୁଳିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ଅବସରପ୍ରାପ୍ତ ରାଜ୍ୟ ସରକାରୀ କର୍ମଚାରୀ ସଂଘର ସାଧାରଣ ଅଧିବେଶନ

ବାଲେଶ୍ୱର,୨୨।୨ (ମୃତ୍ୟୁଞ୍ଜୟ ପଟ୍ଟନାୟକ)

ବାଲେଶ୍ୱର ସହରସ୍ଥିତ ଗାନ୍ଧୀ ସ୍ମୃତି ଭବନରେ ରବିବାର ଅବସରପ୍ରାପ୍ତ ରାଜ୍ୟ ସରକାରୀ କର୍ମଚାରୀ ସଂଘର ବାର୍ଷିକ ସାଧାରଣ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ସଂଘର ସଭାପତି ଇଂ. ବନମାଳୀ ନାୟକଙ୍କ ସଭାପତିତ୍ୱରେ ସାଂଗଠନିକ ବୈଠକ ହୋଇଥିଲା। ଏଥିରେ ଅବସରପ୍ରାପ୍ତ କର୍ମଚାରୀମାନଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ସଂଗଠନ ସମ୍ପାଦକ ବସନ୍ତ ପଣ୍ଡା ମଙ୍ଗଳାଷ୍ଟକ ପାଠ କରିଥିବା ବେଳେ ଉପଦେଷ୍ଟା ବସନ୍ତ ନାୟକ ଧନ୍ୟବାଦ ଦେଇଥିଲେ। ପରେ ଆୟୋଜିତ ସାଧାରଣ ଅଧିବେଶନକୁ ଅତିରିକ୍ତ ଜିଲାପାଳ ସୁଧାକର ନାୟକ ଉଦ୍‌ଘାଟନ କରିଥିଲେ। ସଂଘ ସଭାପତି ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଅଧିବେଶନରେ ପ୍ରାକ୍ତନ ମୁଖ୍ୟ ମହାଡାକପାଳ ଡ. ସନ୍ତୋଷ କାମିଲା, ମୁଖ୍ୟବକ୍ତା କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନରଙ୍କ ମୁଖ୍ୟ ଶାସନ ସଚିବ ନୀହାର ରଞ୍ଜନ ଦାଶ, ସମ୍ମାନିତ ଅତିଥି ଭାବେ କେନ୍ଦ୍ର ଯୁବ ଓ କ୍ରୀଡ଼ା ବିକାଶ ବିଭାଗୀୟ ଜାତୀୟ ସେବାସଂସ୍ଥାର ଆଞ୍ଚଳିକ ନିର୍ଦ୍ଦେଶିକା ସୁଶ୍ରୀ ସରିତା ପଟେଲ, ଅନ୍ୟତମ ସମ୍ମାନିତ ଅତିଥି ଭାବେ ବରିଷ୍ଠ ଖବରଦାତା କୁଳମଣି ବାରିକ ଯୋଗ ଦେଇଥିଲେ। ଅତିଥିମାନଙ୍କ ଦ୍ୱାରା ସଂଘର ବାର୍ଷିକ ମୁଖପତ୍ର 'ଉତ୍ତରାୟଣ' ଏବଂ ସଦସ୍ୟ ଗୌରଚନ୍ଦ୍ର ଭୂୟାଁଙ୍କ କବିତା ସଙ୍କଳନ 'ମୋ ଦେହେ ଲେପ ହେ ଅଗୁର ଚନ୍ଦନ' ଉନ୍ମୋଚିତ ହୋଇଥିଲା। ଅବସର ପରେ ବାଲେଶ୍ୱରର ସରକାରୀ କର୍ମଚାରୀମାନେ ସାମାଜିକ ସେବା କରିବା ସହ ସେମାନଙ୍କ ଅନୁଭୂତିକୁ ଜନହିତୈଷୀ କାର୍ଯ୍ୟରେ ଲଗାଇ ପାରୁଥିବା ଯୋଗୁ ଅତିଥିମାନେ ପ୍ରଶଂସା କରିଥଲେ। ସଂଘ ପକ୍ଷରୁ ବିଶିଷ୍ଟ ବ୍ୟକ୍ତିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଂଘର କର୍ମକର୍ତ୍ତା ଗୌରାଙ୍ଗ ସାହୁ, ଦେବେନ୍ଦ୍ର ଚୌଧୁରୀ, ଭାଗବତ ଦଳେଇ, ଜ୍ଞାନେନ୍ଦ୍ର ନାଥ ସାହୁ, ବିରେନ୍ଦ୍ର ମହାନ୍ତ, ରବୀନ୍ଦ୍ର ମହାନ୍ତି, ସାବିତ୍ରୀ ଦାସ ଓ ହିମାଂଶୁ ଦାସ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ହୃଷୀକେଶ ସାହୁ ଧନ୍ୟବାଦ ଦେଇଥିଲେ।



ସାଧାରଣ ଅଧିବେଶନରେ ଉପସ୍ଥିତ ଅତିଥି।

# ପାଣି ପାଇଁ ରାସ୍ତାରେ ଗରା, ବାଲ୍‌ଟି ରଖି ପ୍ରତିବାଦ

- ୮ ବର୍ଷ ହେଲା ସରୁନି ମେଗା ପାନୀୟଜଳ ପ୍ରକଳ୍ପ କାମ
- ପଞ୍ଚାୟତ ନିର୍ବାଚନ ପୂର୍ବରୁ ସମାଧାନ ନ ହେଲେ ଭୋଟ ବର୍ଜନ ଚେତାବନୀ


ସଦର ବ୍ଲକ ଆଳଦିଆ ଗ୍ରାମ ରାସ୍ତାରେ ଗରା, ବାଲ୍‌ଟି ରଖି ମହିଳାମାନେ ପ୍ରତିବାଦ କରୁଛନ୍ତି।

ବାଲେଶ୍ୱର,୨୨।୨ (ମୃତ୍ୟୁଞ୍ଜୟ ପଟ୍ଟନାୟକ)

ପିଇବା ପାଣି ପାଇଁ ରାସ୍ତାରେ ଗରା, ବାଲ୍‌ଟି ରଖି ମହିଳାମାନେ ଅଭିନବ ପ୍ରତିବାଦ କରିଛନ୍ତି। ବାଲେଶ୍ୱର ସଦର ବ୍ଲକ ହିଡ଼ିଗାଁ ପଞ୍ଚାୟତର ଆଳଦିଆ ଗ୍ରାମରେ ପାଇପ୍ ଯୋଗେ ପାନୀୟ ଜଳ ନ ପାଇବାରୁ ଶତାଧିକ ମହିଳା ରବିବାର ଏଭଳି ପ୍ରତିବାଦ କରିଛନ୍ତି।

ସେମାନେ ଦର୍ଶାଇଛନ୍ତି, ଏହି ଗ୍ରାମରେ ଦୀର୍ଘ ୮ବର୍ଷ ଧରି ମେଗା ପାନୀୟ ଜଳ ପ୍ରକଳ୍ପ କାମ ଚାଲିଛି, କିନ୍ତୁ ସରୁନି। ପାଇପ୍ ବିଛାଯାଇଛି କିନ୍ତୁ ଲୋକଙ୍କୁ ପାନୀୟ ଜଳ ମିଳୁନି। ଆଳଦିଆ ଓ ମୁଲଣାନଗରରେ ପ୍ରତି ଘରକୁ ପାଇପ୍ ଯୋଗେ ପାନୀୟ ଜଳ ଯୋଗାଣ ପାଇଁ ୨୦୧୮ରେ ମେଗା ପାନୀୟ ଜଳ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ବୋର୍‌ୱେଲ ଏବଂ ଓଭରହେଡ୍ ପାଣି ଟାଙ୍କି ନିର୍ମାଣ, ପାଇପ ବିଛା କାର୍ଯ୍ୟ ଅଧାପନ୍ତରିଆ ହୋଇପଡ଼ିଛି। ଏହି ନିର୍ମାଣ କାର୍ଯ୍ୟ ମଧ୍ୟ ନିମ୍ନମାନର ହୋଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ପିଇବା ପାଣି ପାଇଁ ଗ୍ରାମରେ ଯେଉଁ ଟ୍ୟୁବ୍‌ୱେଲ ରହିଛି, ସେଥିରୁ ବାହାରୁଥିବା ପାଣି ପିଇବା ଯୋଗ୍ୟ ନୁହେଁ। ଫଳରେ ପାନୀୟଜଳ ପାଇଁ ୨ ଗ୍ରାମର ପ୍ରାୟ ୮ ହଜାରରୁ ଉର୍ଦ୍ଧ୍ୱ ଲୋକ ହଇରାଣ ହେଉଛନ୍ତି। ପାନୀୟ ଜଳ ଯୋଗାଇଦେବା ଦାବିରେ ମହିଳାମାନେ ଏକାଠି ହୋଇ ଗାଁ ରାସ୍ତାରେ ପ୍ରତିବାଦ କରିଛନ୍ତି। ପଞ୍ଚାୟତ ନିର୍ବାଚନ ପୂର୍ବରୁ ଜଳ ଯୋଗାଣ ସମସ୍ୟା ଦୂର ନ ହେଲେ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିବା ସହ ନିର୍ବାଚନରେ ଭୋଟ ବର୍ଜନ କରିବେ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ଆଳଦିଆ ଗ୍ରାମର କାଞ୍ଚନ ପରିଡ଼ା, ଗିତିକା ବେହେରା, ମିଟିକା ପରିଡା, ସୁମତି ବେହେରା, ଝିଲ୍ଲି ଦାସ, ନିଶାମଣି ବେହେରା, ରଶ୍ମିତା ବେହେରା, ତପସ୍ୱିନୀ ବେହେରା, ଅବନ୍ତୀ ବେରା ପ୍ରମୁଖ ଏଥିରେ ସାମିଲ ଥିଲେ। ଏନେଇ ଆରଡବ୍ଲ୍ୟୁଏସ୍‌ଏସ୍ ବିଭାଗର ବାଲେଶ୍ୱର ସଦର ଡିଭିଜନର କନିଷ୍ଠ ଯନ୍ତ୍ରୀଙ୍କୁ ଫୋନ୍ ଯୋଗେ ଯୋଗାଯୋଗ କରାଯାଇଥିଲେ ହେଁ ସେ ଫୋନ୍ ଉଠାଇ ନ ଥିଲେ।

## ସଂକ୍ଷେପରେ

### ପୋଡ଼ି ହୋଇ ମହିଳାଙ୍କ ମୃତ୍ୟୁ

ପାଟଣା,୨୨।୨(ବୀର କିଶୋର ଦାଶ): କେନ୍ଦୁଝର ଜିଲା ପାଟଣା ବ୍ଲକ୍ କଣ୍ଟିଆପଡ଼ା ପଞ୍ଚାୟତ ମାନପୁର ଗ୍ରାମରେ ପୋଡ଼ି ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ମୃତ ମହିଳା ଉକ୍ତ ଗ୍ରାମର ଦଶରଥ ମହାକୁଡ଼ଙ୍କ ସ୍ତ୍ରୀ ସଞ୍ଜୁଲତା ମହାକୁଡ଼। ଶନିବାର ସନ୍ଧ୍ୟାରେ ରୋଷେଇ କରିବା ସମୟରେ ଚୁଲିରୁ ନିଆଁ ଶାଢ଼ୀରେ ଲାଗି ଗୁରୁତର ହୋଇଥିଲେ। ପ୍ରଥମେ ପାଟଣା ପରେ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଶନିବାର ରାତି ୩ଟାରେ ତାଙ୍କର ମୃତ୍ୟୁ ଘଟିଛି। ରବିବାର ତୁରୁମୁଙ୍ଗା ପୋଲିସ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ତୁରୁମୁଙ୍ଗା ଥାନାରେ ଏକ ଅପମୃତ୍ୟୁ(ନଂ.୬/୨୬) ମାମଲା ରୁଜୁ ହୋଇଛି।

### କର୍କଟ ଆକ୍ରାନ୍ତଙ୍କୁ ସହାୟତା

ବଉଳା,୨୨।୨(ଦୁର୍ଗା ପ୍ରସାଦ ଆୟଚ): କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ କପୁଣ୍ଡି ଗ୍ରାମର କୁନି ଜେନା କର୍କଟ ରୋଗରେ ଆକ୍ରାନ୍ତ ହୋଇ ଯନ୍ତ୍ରଣା ଭୋଗୁଛନ୍ତି। ଅର୍ଥ ଚିକିତ୍ସାରେ ବାଧକ ସାଜିଥିବା ବେଳେ ପରିବାର ପକ୍ଷରୁ ସହାୟତା ନିବେଦନ କରାଯାଇଥିଲା। ଯୁବ ସାମାଜିକକର୍ମୀ ତଥା ଭାଜପା ନେତା ବିଶ୍ୱନାଥ ପ୍ରତାପ ଜେନା କୁନିଙ୍କ ପାଖରେ ପହଞ୍ଚି ତାଙ୍କର ଆଶୁ ଆରୋଗ୍ୟ କାମନା କରିବା ସହିତ ଆର୍ଥିକ ସହାୟତା ପ୍ରଦାନ କରିଥିଲେ।

### ଗୋମାଂସ ନେଉଥିବା ସନ୍ଦେହରେ ଟ୍ରକ୍ ଅଟକ



ପାଟଣା,୨୨।୨(ବୀର କିଶୋର ଦାଶ): କେନ୍ଦୁଝର ଜିଲା ପାଟଣା ବ୍ଲକ୍ ତୁରୁମୁଙ୍ଗା ଦେଇ ଯାଇଥିବା ୪୯ ନମ୍ବର ଜାତୀୟ ରାଜପଥ ତୁରୁମୁଙ୍ଗା ନିକଟରୁ ରବିବାର ସ୍ଥାନୀୟ ଲୋକେ ଏକ ଗୋରୁ ମାଂସ ନେଉଥିବା ସନ୍ଦେହରେ ଟ୍ରକ୍ ଅଟକ ରଖିଥିଲେ। ଟ୍ରକ୍( ଓଡି ୦୯ସି ୮୨୫୨)ର ଯାଞ୍ଚ ସମୟରେ ଡ୍ରାଇଭର ମାଂସକୁ ରୋଷେଇ କରି ଖାଇବା ପାଇଁ ନେଉଥିବା ଜଣାପଡ଼ିଥିଲା। ଡ୍ରାଇଭରଙ୍କୁ ଅଟକ ରଖି ପୋଲିସକୁ ଖବର ଦେଇଥିଲେ। ତୁରୁମୁଙ୍ଗା ପୋଲିସ ପହଞ୍ଚି ଡ୍ରାଇଭରଙ୍କୁ ଥାନାକୁ ନେଇଥିବା ବେଳେ ଟ୍ରକ୍‌କୁ ଅଟକ ରଖି ଘଟଣାର ତଦନ୍ତ ଜାରି ରଖିଛି। ମାଂସକୁ ଜବତ କରି ତୁରୁମୁଙ୍ଗା ପୋଲିସ ଏକ ମାମଲା ରୁଜୁ କରିଛି।

### ଚାରି ପିଢ଼ ଭୂୟାଁ ସମାଜର ବୈଠକ

ଯୋଡ଼ା,୨୨।୨(ମାନସ ମହାନ୍ତି) କେନ୍ଦୁଝର ଜିଲା ଯୋଡ଼ାସ୍ଥିତ ବନେଇକଳାଠାରେ ଶନିବାର ଚାରି ପିଢ଼ ଭୂୟାଁ ସମାଜ ପକ୍ଷରୁ ତୃତୀୟ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମାଜର ସଭାପତି ତଥା ବ୍ଲକ୍ ଅଧ୍ୟକ୍ଷ କବିନ୍ଦ୍ର ନାଏକ, ସମ୍ପାଦକ ମଧୁସୂଦନ ନାଏକ, ଉପ ସଭାପତି ରତ୍ନାକର ନାଏକ, ସହ ସମ୍ପାଦକ ପଦ୍ମଲୋଚନ ନାଏକ, ଉପଦେଷ୍ଟା ଗିରିଧାରୀ ନାଏକ ପ୍ରମୁଖ ଉପସ୍ଥିତ ରହି ଭୂୟାଁ ସମାଜର ବିଭିନ୍ନ କ୍ଷେତ୍ରରେ କିପରି ଉନ୍ନତି ସମ୍ପର୍କରେ ଆଲୋଚନା କରିଥିଲେ। ଉପଦେଷ୍ଟା ଗିରିଧାରୀ ନାଏକ ସଭା ପରିଚାଳନା କରିଥିଲେ। ଏହି ଅବସରରେ ଚାରି ପିଢ଼ ଭୂୟାଁ ସମାଜର ସଭାପତି କବିନ୍ଦ୍ର ନାଏକ କହିଥିଲେ, ଯୋଡ଼ା ବ୍ଲକ୍‌ରେ ବସବାସ କରୁଥିବା ଭୂୟାଁ ସମ୍ପ୍ରଦାୟର ଲୋକଙ୍କ ମୁଖ୍ୟତଃ ଶିକ୍ଷା, ସ୍ୱାସ୍ଥ୍ୟ, ସଂସ୍କୃତି, ପରମ୍ପରା, ସାମାଜିକ ଅଭିବୃଦ୍ଧି ପାଇଁ ଏହି ସଂଗଠନ ପଞ୍ଜୀକୃତ। ଭୂୟାଁ ସମ୍ପ୍ରଦାୟର ନୂତନ ପିଢ଼ି କିପରି ନିଶା ସେବନଠାରୁ ଦୂରରେ ରହି ଶିକ୍ଷାକ୍ଷେତ୍ରକୁ ମଜବୁତ୍ କରିବ ଏବଂ ପରିବାର ଗଠନର ମୁଖ୍ୟ ଭୂମିକା ଗ୍ରହଣ ପାଇଁ ପ୍ରତି ଗାଁରେ ସଂଗଠନ ସଚେତନତା ସୃଷ୍ଟି କରିବ। ଏଥିପାଇଁ ଭୂୟାଁ ସମ୍ପ୍ରଦାୟର ସମସ୍ତ ସଚେତନ ନାଗରିକ, ବୁଦ୍ଧିଜୀବୀ, ଶିକ୍ଷିତ ଯୁବତୀ, ଯୁବକ ଆଗେଇ ଆସି ସଚେତନତା ସୃଷ୍ଟି କରିବା ପାଇଁ ପରାମର୍ଶ ଦେଇଥିଲେ। ବୈଠକରେ ଯୋଡ଼ା ବ୍ଲକ୍‌ରେ ଥିବା ଭୂୟାଁ ସମ୍ପ୍ରଦାୟ ଚାରି ପିଢ଼ିର ସମସ୍ତ ସଭାପତି, ସମ୍ପାଦକ ଓ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଟ୍ୟାଙ୍କର ପାଣିରେ ମଧ୍ୟାହ୍ନଭୋଜନ ରୋଷେଇ

## ସିରାଜୁଦ୍ଦିନ ହଟିଂ ପ୍ରାଇମେରୀ ସ୍କୁଲରେ ଜଳ ସମସ୍ୟା

ଯୋଡ଼ା,୨୨।୨(ମାନସ ମହାନ୍ତି)



କେନ୍ଦୁଝର ଜିଲା ଯୋଡ଼ା ବ୍ଲକ୍ ଅନ୍ତର୍ଗତ ବଡ଼ କାଳିମାଟି ପଞ୍ଚାୟତର ବି ପ୍ଲଟ୍‌ଠାରେ ଥିବା ଗୋପ ସିରାଜୁଦ୍ଦିନ ହଟିଂ ପ୍ରାଇମେରୀ ସ୍କୁଲ୍‌ରେ ପାନୀୟ ଜଳ ସମସ୍ୟା ଉତ୍କଟ ହୋଇଛି। ଜଳ ସୁବିଧା ନ ଥିବାରୁ ଟ୍ୟାଙ୍କର ପାଣି ଭରସାରେ ମଧ୍ୟାହ୍ନ ଭୋଜନ ରୋଷେଇ ହେଉଛି। ଏ ନେଇ ବାରମ୍ବାର ଅଭିଯୋଗ ପରେ ବି ସମାଧାନ ହେଉ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି।

ସୂଚନା ଅନୁଯାୟୀ, ୨୦୧୪ରେ ସ୍ଥାପିତ ହୋଇଥିବା ଏହି ସ୍କୁଲରେ ପ୍ରାୟ ୧୩୧ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ସ୍କୁଲ ପରିସରରେ ଏ ପର୍ଯ୍ୟନ୍ତ ସ୍ଥାୟୀ ପାନୀୟ ଜଳ ବ୍ୟବସ୍ଥା କରାଯାଇନାହିଁ। ଦୀର୍ଘ ବର୍ଷ ହେବ ଏଠାରେ ପାନୀୟ ଜଳ ପାଇଁ କୌଣସି ନଳକୂଅ କିମ୍ବା କୂଅ କରାଯାଇ ନ ଥିବା ବେଳେ ଅଭିଭାବକ ଅଭିଯୋଗ କଲେ ମଧ୍ୟ ସମାଧାନ ହେଉନି। ବହୁ ଅନୁରୋଧ ପରେ ସ୍ଥାନୀୟ ୨ ଖଣି କମ୍ପାନୀ ଦ୍ୱାରା ଟ୍ୟାଙ୍କର ଯୋଗେ ସପ୍ତାହକୁ ୨ ଦିନ ପାଣି ଦିଆଯାଉଛି। ସେଥିମଧ୍ୟରୁ କିଛି ଦିନ ହେବ ଏକ ଖଣି କମ୍ପାନୀ ପାନୀୟ ଜଳଯୋଗାଣ ବନ୍ଦ କରିଦେଇଛି। ଫଳରେ ଆବଶ୍ୟକ ପରିମାଣରେ ବିଦ୍ୟାଳୟରେ ପାନୀୟ ଜଳ ମିଳିପାରୁନାହିଁ। ଉକ୍ତ ପାଣିରେ ମଧ୍ୟାହ୍ନ ଭୋଜନ ରୋଷେଇ ହେଉଥିଲା। ପାଣି ସମସ୍ୟା ହେଉଥିବାରୁ ମଧ୍ୟାହ୍ନ ଭୋଜନ ରୋଷେଇରେ ବିଳମ୍ବ ହେଉଛି। ଅନେକ ସମୟରେ ଛାତ୍ରୀଛାତ୍ର ବିଶୁଦ୍ଧ ପାନୀୟ ଜଳ ପିଇବାକୁ ବାଧ୍ୟ ହୋଇଥାଆନ୍ତି। ଯାହାଦ୍ୱାରା ଅନେକ ସମୟରେ ଛାତ୍ରୀଛାତ୍ର ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଥିବା ଅଭିଭାବକ କହିଛନ୍ତି। ଉକ୍ତ ବିଦ୍ୟାଳୟରେ ସ୍ଥାୟୀଭାବେ ଜଳ ଯୋଗାଣ ବ୍ୟବସ୍ଥା କରାଯିବା ପାଇଁ ଅଭିଭାବକମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ଯୋଡ଼ା ବ୍ଲକ୍ ବିଇଓ କ୍ଷେତ୍ରମୋହନ ହାଁସଦା ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି, ମାଟ୍ରିକ ପରୀକ୍ଷା ଚାଲୁଥିବା ଯୋଗୁ କାର୍ଯ୍ୟଭାର ଅଧିକ ରହିଛି। ଅତିଶୀଘ୍ର ସହକାରୀ ଶିକ୍ଷା ଅଧିକାରୀଙ୍କୁ ପଠାଇ ସ୍କୁଲରେ ସ୍ଥାୟୀ ଜଳ ଯୋଗାଣ ବ୍ୟବସ୍ଥାକୁ ନିରୀକ୍ଷଣ କରି ଏହାର ପ୍ରତିକାର ବ୍ୟବସ୍ଥା କରାଯିବ।

# ସହାୟତାକାରୀଙ୍କ ଗାଡ଼ି ଜାଳିଦେଲେ

## ପାରିବାରିକ ଶତ୍ରୁତାରୁ ମରଣାନ୍ତକ ଆକ୍ରମଣ ଘଟଣା

ବଡ଼ବିଲ,୨୨।୨(ଜୟନ୍ତୀ ରଣା)

କେନ୍ଦୁଝର ଜିଲା ବଡ଼ବିଲ ଥାନା ଅନ୍ତର୍ଗତ ଦାମୁହଟିଂରେ ପାରିବାରିକ ଶତ୍ରୁତାକୁ ନେଇ ମରଣାନ୍ତକ ଆକ୍ରମଣ ହୋଇଥିଲା। ଘଟଣାର ୬ଦିନ ପରେ ଆକ୍ରମଣରେ ଗୁରୁତରଙ୍କୁ ସହାୟତା କରିଥିବା ବ୍ୟକ୍ତିଙ୍କ ଗାଡ଼ିରେ ନିଆଁ ଲଗାଇ ଜାଳି ଦିଆଯାଇଛି। ଅଭିଯୋଗ ପରେ ପୋଲିସ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ଦାମୁହଟିଂ ଅଞ୍ଚଳର ଗଜେନ୍ଦ୍ର କୁଙ୍କଲ।

ସୂଚନା ଅନୁଯାୟୀ, ଗତ ୧୭ ତାରିଖ ରାତିରେ ବଡ଼ବିଲ ୱାର୍ଡ ନଂ. ୧୫ ଦାମୁହଟିଂ ଅଞ୍ଚଳରେ ରହୁଥିବା ଫୁଲଚାନ୍ଦ ସର୍ଦ୍ଦାରିଙ୍କୁ ତାଙ୍କ ଝିଅ ସନ୍ଧ୍ୟା ଓ ଜ୍ୱାଇଁ ଗଜେନ୍ଦ୍ର କୁଙ୍କଲ ମରଣାନ୍ତକ ଆକ୍ରମଣ କରିଥିଲେ। ଏ ନେଇ ଗତ ୧୮ ତାରିଖରେ ବଡ଼ବିଲ ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ମାମଲା(ନଂ.୫୫/୨୦୨୬) ରୁଜୁ କରିଛି। ଝିଅ ଓ ଜ୍ୱାଇଁଙ୍କ ଆକ୍ରମଣରେ



ନିଆଁରେ ଜଳି ଯାଇଥିବା ବୋଲେରୋ।

ଗୁରୁତର ଫୁଲଚାନ୍ଦଙ୍କ ଚିକିତ୍ସା ନିମନ୍ତେ ପଡ଼ୋଶୀ ମନୋଜ ଦାସ ନିଜ ଗାଡ଼ି ଯୋଗେ ବଡବିଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଏଥିରେ ଗଜେନ୍ଦ୍ର ଉତ୍କ୍ଷିପ୍ତ ହୋଇ ଶନିବାର ବିଳମ୍ବିତ ରାତିରେ ମନୋଜଙ୍କ ବୋଲେରୋ(ନଂ. ଓଡି ୦୯ ଭି ୫୪୫୭)ରେ ନିଆଁ ଲଗାଇ ଦେଇଛନ୍ତି। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରି ଉଭୟ ମରଣାନ୍ତକ ଆକ୍ରମଣ ଓ ଗାଡି ଜାଳିଦେବା ଘଟଣାରେ ଗଜେନ୍ଦ୍ରଙ୍କୁ ଗିରଫ କରି ରବିବାର ସନ୍ଧ୍ୟାରେ କୋର୍ଟଚାଲାଣ କରି ତଦନ୍ତ ଚଳାଇଛି।

# 'ଏକତା ରହିଲେ ଜାତି ଆଗକୁ ବଢ଼ିବ'




ବାର୍ଷିକ ଉତ୍ସବରେ ଉପସ୍ଥିତ ଅତିଥିଗଣ।

## ବାଥୁଡ଼ି ସାଂସ୍କୃତିକ ସମାଜର ବାର୍ଷିକ ଉତ୍ସବ

କେନ୍ଦୁଝର,୨୨।୨ (ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ସଦର ବ୍ଲକ୍ ଅନ୍ତର୍ଗତ ନେଲୁଙ୍ଗ ପଞ୍ଚାୟତ ଜମୁନାପଶି ବାଥୁଡି ସାଂସ୍କୃତିକ ଭବନଠାରେ ରବିବାର ବାଥୁଡି ସାଂସ୍କୃତିକ ସମାଜ କେନ୍ଦୁଝର ଶାଖାର ୧୧ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ, ସମ୍ମାନିତ ଅତିଥିଭାବେ ତେଲକୋଇ ବିଧାୟକ ଡା. ଫକୀର ମୋହନ ନାୟକ, ମୁଖ୍ୟ ବକ୍ତାଭାବେ ସମ୍ପ୍ରଦାୟ ଉପଦେଷ୍ଟା ବିନୋଦ ଚନ୍ଦ୍ର ନାଏକ, ଯୁଗ୍ମ କମିଶନର ଶ୍ରମବିଭାଗର ମହେଶ୍ୱର ନାଏକ ଯୋଗଦେଇ ପ୍ରଥମେ ଦିବଙ୍ଗତ କମଳାକାନ୍ତ ରଣସିଂହଙ୍କ ସ୍ମୃତିରେ ନିରବ ପ୍ରାର୍ଥନା କରିଥିଲେ। ପରେ ଅତିଥିମାନେ ବାଥୁଡ଼ି ଜାତି ମାଦକ ଦ୍ରବ୍ୟ ସେବନରୁ ଦୂରେଇ ଶିକ୍ଷା ଉପରେ ଗୁରୁତ୍ୱ ଦେବା ସହ ଏକତା ହେଲେ ଜାତି ଆଗକୁ ଯାଇ ପରି ବବୋଲି ମତ ପୋଷଣ କରିଥିଲେ। ଉତ୍ସବରେ ଓଡ଼ିଶାର ବିଭିନ୍ନ ଜିଲାର ଶାଖାରୁ ବାଥୁଡି କର୍ମକର୍ତ୍ତା ଯୋଗ ଦେଇଥିଲେ। ବାଥୁଡି ସାଂକୃତିକ ସମାଜ କେନ୍ଦୁଝର ଶାଖାର ଉପସଭାପତି ଭାଗବତ ନାଏକ ମଞ୍ଚ ପରିଚାଳନା ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ପାଦକ ସୁଶୀଲ ଚନ୍ଦ୍ର ନାଏକ ସମ୍ପାଦକୀୟ ବିବରଣୀ ପଠନ କରିଥିଲେ। ଏହି ଅବସରରେ କେନ୍ଦୁଝର ଶାଖାର ଦଶମ ସୌଭାଗ୍ୟ ସ୍ମରଣିକା ନିଝାରୀ ପୁସ୍ତିକା ବରେଣ୍ୟ ଅତିଥିଙ୍କ ଦ୍ୱାରା ଉନ୍ମୋଚନ ହୋଇଥିଲା। ବାଥୁଡି ଜାତିରୁ ୨୦୨୩ରେ ଓଡ଼ିଶା ପ୍ରଶାସନିକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଜ୍ୟୋତି ପ୍ରକାଶ ନାଏକ, ୨୦୨୫ରେ ଦଶମ ପରୀକ୍ଷାରେ ସର୍ବୋଚ୍ଚ ମାର୍କ ରଖିଥିବା ୩ କୃତୀ ଛାତ୍ରୀଛାତ୍ର, କୃଷିକ ପିତାମ୍ବର ନାଏକ, ରଙ୍ଗେଇଶୁଣି ଚାଙ୍ଗୁ ଦଳ ଧତିକା, ଚାଙ୍ଗୁ ଦଳ ଜାମୁଦା, ବଡ଼ାମ ସାଂସ୍କୃତିକ ସୁରକ୍ଷା ସମାଜ ବଲାଣୀପଶିକୁ ସମ୍ମାନିତ କରାଯାଇଛି। ଉପସଭାପତି ଦିଲ୍ଲୀପ ରଣସିଂହ ଧନ୍ୟବାଦ ଅର୍ପଣ କରିଥିଲେ।

# ମ୍ୟାକ୍‌ମିଲାନପୁର ଘାଟରୁ ବାଲି ଚୋରି ଅବ୍ୟାହତ

## କୁହୁଳୁଛି ଅସନ୍ତୋଷ

କେନ୍ଦୁଝର,୨୨।୨ (ନରେଶ ଚନ୍ଦ୍ର ପଟ୍ଟନାୟକ): କେନ୍ଦୁଝର ଜିଲା ଚମ୍ପୁଆ ତହସିଲ ଅନ୍ତର୍ଗତ ମ୍ୟାକ୍‌ମିଲାନପୁର ଗ୍ରାମ ନିକଟରେ ବୈତରଣୀ ନଦୀରୁ ବାଲି ଚୋରା କାରବାର ଜାରି ରହିଛି। ବିଭାଗୀୟ ଲିଜ୍ ଖଣିରେ ବେଆଇନ କାମ ଚାଲିଥିବା ନେଇ ରାଜସ୍ୱ ବିଭାଗ ଚିଠି ପରେ ମଧ୍ୟ ଖଣି ବିଭାଗ ଚୁପ୍ ବସିଛି। ଫଳରେ ଅସନ୍ତୋଷ କୁହୁଳୁଥିବା ବେଳେ ସ୍ଥାନୀୟ ଲୋକ ଅଦାଲତର ହସ୍ତକ୍ଷେପ ଲୋଡ଼ିଛନ୍ତି।

ଅଭିଯୋଗ ମୁତାବକ, ଲିଜ୍ ବାହାରେ ବାଲି ଖନନ, ବିନା ଗ୍ରାମସଭାରେ ଖଣି ଲିଜ୍ ପ୍ରଦାନ ନେଇ ସ୍ଥାନୀୟ ଲୋକେ ଅଭିଯୋଗ କରିଆସୁଥିଲେ ହେଁ କେହି ଶୁଣୁନାହାନ୍ତି। ଏପରିକି ଲିଜ୍ ବାହାରେ ଖଣି ଖନନ ଯୋଗୁ ନିର୍ମାଣାଧୀନ ପୋଲର ସୁରକ୍ଷାକୁ ନେଇ ଗ୍ରାମ୍ୟ ଉନ୍ନୟନ ବିଭାଗ ଜିଲାପାଳଙ୍କୁ ଚିଠି ଲେଖିଥିଲା। ପରେ କିଛିଦିନ ପୂର୍ବେ ଜିଲାପାଳଙ୍କ ଆଦେଶକ୍ରମେ ସ୍ଥାନୀୟ ରାଜସ୍ୱ ବିଭାଗ ତଦନ୍ତକରି ଖଣି ବିଭାଗକୁ ରିପୋର୍ଟ କରିଛନ୍ତି। ତଦନ୍ତ ବେଳେ ବେଆଇନ କାମ ଚାଲିଥିବା ଜଣାପଡ଼ିଥିଲା ଏବଂ ଦୁଇଟି ମେଶିନ ଜବତ ହୋଇଥିଲା। ୨ ମେଶିନ ଅପରେଟରଙ୍କ ବୟାନ ରେକର୍ଡକରି ଛାଡ଼ି ଦିଆଯାଇଥିଲା। କିନ୍ତୁ ଏହାକୁ ନେଇ ଖଣି ବିଭାଗ କିମ୍ବା ରାଜସ୍ୱ ବିଭାଗ ଥାନାରେ କୌଣସି ଏତଲା ନ ଦେବା ଏବଂ ଜବତ ମେଶିନ ଓ ଅପରେଟରଙ୍କୁ ଛାଡ଼ିଦେବାରୁ ପୁଣି ବେଆଇନ ବାଲି ଉତ୍ତୋଳନ ଓ ଚାଲାଣ ଚାଲିଥିବାରୁ ଗ୍ରାମବାସୀ ଅସନ୍ତୋଷ ବ୍ୟକ୍ତ କରି ରାଜସ୍ୱ ବିଭାଗକୁ ଅଭିଯୋଗ କରିଛନ୍ତି । ଏ ନେଇ ଖଣି ବିଭାଗ ତଥା ରାଜସ୍ୱ ବିଭାଗକୁ ସୂଚନା ଦିଆଯାଇଥିଲେ ହେଁ ଧରପଗଡ଼ କରୁ ନ ଥିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ କୁହୁଳୁଛି । ଏହାକୁ ତୁରନ୍ତ ବନ୍ଦ କରିବାକୁ ବିଭିନ୍ନ ମହଲରେ ଦାବି ହେଉଛି।

# ଦୁଗ୍ଧ ବୋଝେଇ ପିକ୍‌ଅପ୍ ଭ୍ୟାନ ଓଲଟିଲା

ପାଟଣା,୨୨।୨(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକ୍ କେନ୍ଦେଇପଶି ରାଜନଗର ରାସ୍ତାର ଡେଣୁଆଁ ନାଳ ପୋଲ ନିକଟରେ ରବିବାର ଅପରାହ୍ନରେ ଏକ ଦୁଗ୍ଧ ବୋଝେଇ ପିକ୍‌ଅପ୍ ଭ୍ୟାନ ଓଲଟି ପଡିଛି। ଭ୍ୟାନଟି କେନ୍ଦେଇ ପଶି ଦୁଗ୍ଧ ସମବାୟ ସମିତିରୁ କ୍ଷୀର ନେଇ ରାଜନଗର ଅଞ୍ଚଳକୁ ଫେରୁଥିଲା। ଦୁର୍ଘଟଣାରେ



ଆଲୁମିନିୟମର କିଛି କ୍ଷୀର କ୍ୟାନ ନଷ୍ଟ ହୋଇଥିବା ସହ କ୍ଷୀର ମଧ୍ୟ ନଷ୍ଟ ହୋଇଛି।

# କାର୍-ବାଇକ୍ ମୁହାଁମୁହିଁ, ୨ ମୃତ

କେନ୍ଦୁଝର,୨୨।୨(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ତେଲକୋଇ ଥାନା ଅନ୍ତର୍ଗତ ଗୋଲବନ୍ଧ ଗ୍ରାମ ଛକ ନିକଟରେ ରବିବାର ମଧ୍ୟାହ୍ନରେ ଏକ କାର ଓ ବାଇକ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଫଳରେ ଦୁଇ ବାଇକ୍ ଆରୋହୀଙ୍କ ଶୋଚନୀୟ ମୃତ୍ୟୁ ହୋଇଛି। ଦୁଇ ମୃତକ ହେଲେ ତେଲକୋଇ ଥାନା ସିରିଗିଡ଼ା ଗ୍ରାମର ମହେଶ୍ୱର ନାୟକ(୩୪) ଓ ପଡ଼ୋଶୀ ଢେଙ୍କାନାଳ ଜିଲା ମହାବିରୋଡ ଥାନା ତୁରୁଡ଼ା ନାଳି ଗ୍ରାମର ଜିତୁ ନାୟକ (୨୪)। କାର ଚାଳକ ଦେବଗଡ଼ କଳା ଗ୍ରାମର ଶୁଭାଶିଷ ଦଳ ବେହେରା ଆହତ ହୋଇଛନ୍ତି। ପୋଲିସ ଦୁର୍ଘଟଣାଗ୍ରସ୍ତ ଗାଡ଼ି ଜବତ କରି ତଦନ୍ତ ଆରମ୍ଭ କରିଛି।

ସୂଚନା ଅନୁଯାୟୀ, ଶିବାଶିଷ (ଓଡ଼ି ୧୪ଇ ୬୮୬୮) ନମ୍ବର ବିଶିଷ୍ଟ କାର ଯୋଗେ ତେଲକୋଇ ଅଭିମୁଖେ ଆସୁଥିଲେ। ଏହି ସମୟରେ ବାଇକ (ଓଡ଼ି ୧୯ଆର ୫୫୮୯) ଯୋଗେ ମହେଶ୍ୱର ଓ ଜିତୁ ତେଲକୋଇ ପଟୁ ଜଗମୋହନପୁର୍ ଗ୍ରାମ ଆଡ଼କୁ ଯାଉଥିଲେ। ମଧ୍ୟାହ୍ନ ପ୍ରାୟ ୧୨ଟ ୩୦ରେ ଗୋଲାବନ୍ଧ ଛକ ନିକଟରେ ମଧ୍ୟରେ କାର ଓ ବାଇକ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ବାଇକ ଆରୋହୀ ଦ୍ୱୟ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାର କରି ତେଲକୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ସଙ୍କଟାପନ୍ନ ଥିବାରୁ ଜିଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଉଭୟଙ୍କର ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ତେଲକୋଇ ଥାନା ଅଧିକାରୀ କହିଛନ୍ତି, ୨ ବାଇକ ଆରୋହୀଙ୍କ ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ପଠାଯାଇ ଘଟଣାର ତଦନ୍ତ ଚାଲିଛି।

# ଅଭୟ ହୁଇଲ୍ ଚେୟାର କ୍ରିକେଟ୍ ଦଳର ଅଧିନାୟକ



କେନ୍ଦୁଝର,୨୨।୨(ନରେଶ ଚନ୍ଦ୍ର ପଟ୍ଟନାୟକ)

ଦିବ୍ୟାଙ୍ଗ ହୁଇଲ ଚେୟାର କ୍ରିକେଟ୍ ତଥା ୪ର୍ଥ ହୁଇଲ ଚେୟାର କ୍ରିକେଟ ପ୍ରତିଯୋଗିତା ୨୦୨୬ ଖେଳିବା ପାଇଁ ରାଜ୍ୟ ଟିମ ଘୋଷଣା ହୋଇଛି। ପ୍ରତିଯୋଗିତା ଆନ୍ଧ୍ର ପ୍ରଦେଶ ବିଶାଖାପାଟଣାରେ ଅନୁଷ୍ଠିତ ହେବ। ଟିମ୍ କ୍ୟାପଟେନ ଭାବେ କେନ୍ଦୁଝର ଜିଲାର ଅଭୟ ଜେନା ମନୋନିତ ହୋଇଥିବା ବେଳେ ୧୬ ଜଣିଆ ଟିମ୍‌ରେ ମ୍ୟାନେଜର ଭାବେ ପ୍ରମୋଦ କୁମାର ଜେନା ନିଯୁକ୍ତି ହୋଇଛନ୍ତି। ଶଙ୍କର ବୁଦୁଲା ଉପ ଅଧିନାୟକ, ନୟାଗଡ଼ର ଜଗନ୍ନାଥ ନାୟକ ୱିକେଟ୍ କିପର ଭାବେ ଚୟନ ହୋଇଛନ୍ତି। ଅନ୍ୟ ଖେଳାଳିମାନେ ହେଲେ କୋରାପୁଟ ଜିଲାର ସୁଦର୍ଶନ ନାଗ, ସୁନ୍ଦରଗଡ଼ର ବସନ୍ତ ନିମ, ଗୁମଡ଼ା ବାର୍ଲା, ଢେଙ୍କାନାଳର ଦିଲୀପ ନାୟକ, ପ୍ରିୟବ୍ରତ ପ୍ରଧାନ, ବରଗଡ଼ର ତରଣୀ ସୁନା, ଗଞ୍ଜାମର ନିକୁ ପ୍ରଧାନ, ସୋନପୁରର ନିରଞ୍ଜନ ତନ୍ତୀ ୧୧ ଜଣିଆ ଟିମରେ ଚୟନ ହୋଇଥିବା ବେଳେ ଝାରସୁଗୁଡ଼ାର ଗଣେଶ ନାୟକ ଓ ମୁନା ଧରୁଆ, କୋରାପୁଟର ଗୌରୀ ଶଙ୍କର ପ୍ରଧାନ ଅତିରିକ୍ତ ଖେଳାଳିଭାବେ ଚୟନ ହୋଇଛନ୍ତି। ଏହା ଛଡ଼ା ଜଣେ କୋଚ ଓ ଜଣେ ଏକସକୋର୍ଟ ଦଳରେ ସାମିଲ ହୋଇଛନ୍ତି। ନଭେମ୍ବର ୨୩ରୁ ୨୮ ନଭେମ୍ବର ପର୍ଯ୍ୟନ୍ତ ଖେଳ ଅନୁଷ୍ଠିତ ହେବ।

# ଗାଡ଼ି ଜବତରେ କାର୍ଯ୍ୟାନୁଷ୍ଠାନ ସୀମିତ

## ବେଆଇନ ବାଲିଚାଲାଣ ବଢ଼ୁଛି

କେନ୍ଦୁଝର,୨୨।୨ (ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲାରେ ବେଆଇନ ବାଲି ଖଣି ଖନନ ଓ ଚୋରା ଚାଲାଣ ବୃଦ୍ଧି ପାଇବାରେ ଲାଗିଛି । ଦୈନିକ ବହୁ ସଂଖ୍ୟାରେ ବେଆଇନ ଭାବେ ବାଲି ବୋଝେଇ ହୋଇ ହାଇୱା ଯୋଗେ ବିଭିନ୍ନ ସ୍ଥାନକୁ ଚାଲାଣ ହେଉଛି। ଏଥିସହ ବିଭିନ୍ନ ସ୍ଥାନରେ ବେଆଇନ ଭାବରେ ଗଚ୍ଛିତ ରଖି ଉଚ୍ଚା ଦରରେ ବିକ୍ରି କରାଯାଉଛି। କେନ୍ଦୁଝର ଟାଉନ ଥାନା ପୋଲିସ ଗତ କିଛିଦିନ ମଧ୍ୟରେ ପାଖାପାଖି ୧୨ରୁ ଊର୍ଦ୍ଧ୍ୱ ବେଆଇନ ବାଲି ବୋଝେଇ ହାଇୱା ଜବତକରି କୋର୍ଟଚାଲାଣ କରିଛି। ବାଲି ଗାଡ଼ି ଜବତ ବ୍ୟତୀତ ମାଫିଆ ଓ ଗାଡ଼ି ମାଲିକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେଉ ନ ଥିବାରୁ ବାଲି ଚୋରିରେ ରୋକ ଲାଗୁ ନ ଥିବା ଅଭିଯୋଗ ହେଉଛି।

ପ୍ରକାଶ ଯେ, ବେଆଇନ ବାଲିଘାଟ ଚଲାଉଥିବା ଏବଂ ବାଲି ମାଫିଆମାନେ ବାଲିକୁ ୧୨ ହଜାର ଟଙ୍କାରେ ବିକ୍ରି ଦେଇଥାନ୍ତି। ବାଲି ଲୋଡ୍‌କରିବା ପାଇଁ ୩ ହଜାର ଲାଗୁଥିବା ବେଳେ ହାଇୱାକୁ ଗାଡ଼ି ମାଲିକ ରାତି ଅଧରେ ବିଭିନ୍ନ ବାଟରେ ଚାଲାଣକରି ୩୦ରୁ ୩୫ ହଜାର ଟଙ୍କାରେ ବିକ୍ରି କରିଦେଇଥାନ୍ତି। ଧରପଗଡ଼ ହେଲେ ସେମାନେ ବାଟରେ ହାତଗୁଞ୍ଜା ଦେଇ ଖସି ପଳାଇଥାନ୍ତି। ଏହା ପଛରେ ରାଜନୈତିକ ସୁରକ୍ଷା ରହୁଥିବାରୁ ଅନେକେ ଧରାପଡ଼ନ୍ତି ନାହିଁ। ଏଣୁ ଏହା ବନ୍ଦ ହେଉନାହିଁ ବୋଲି ଅନେକେ ମତବ୍ୟକ୍ତ କରୁଛନ୍ତି। ଅନେକ ସମୟରେ ଖଣି, ବନ, ରାଜସ୍ୱ ବିଭାଗ ଧରପଗଡ଼ କରୁଛନ୍ତି। ଏହାକୁ ରୋକିବା ପାଇଁ ଟାସ୍କଫୋର୍ସ ରହିଥିଲେ ହେଁ ଚୋରାକାରବାର ରୋକାଯାଇପାରୁ ନ ଥିବାରୁ ସରକାରଙ୍କ ଅନେକ ଶହ କୋଟି ଟଙ୍କା କ୍ଷତିହେବା ସହ ପରିବେଶ କ୍ଷତି ହେଉଛି। ଆନନ୍ଦପୁର ଅଞ୍ଚଳରେ ବାଲି ମାଫିଆମାନେ ଆକ୍ରମଣ କରିବା ସହ ବାଲି ଖଣିରୁ ଗ୍ରାମାଞ୍ଚଳ ରାସ୍ତା ଦେଇ ଭାରିଯାନ ଚଳାଚଳ କରୁଥିବାରୁ ଦୁର୍ଘଟଣା, ରାସ୍ତା ନଷ୍ଟ ଭଳି ଘଟଣା ଘଟୁଥିବାରୁ ଅନେକ ସମୟରେ ବିବାଦ ଦେଖାଦେଉଛି । ଏ ନେଇ ଟାଉନ ଥାନା ଅଧିକାରୀ ଶ୍ରୀକାନ୍ତ ସାହୁ କହିଛନ୍ତି, ବେଆଇନ ବାଲି ହାଇୱାକୁ ଧରି କୋର୍ଟଚାଲାଣ କରାଯାଉଛି। ଖଣି ବିଭାଗ କାହିଁକି ଧରପଗଡ଼କରି ବେଆଇନ ଷ୍ଟକ ୟାର୍ଡଗୁଡ଼ିକୁ ଜବତ କରୁନାହିଁ ତାହାକୁ ନେଇ ସନ୍ଦେହ ଉପୁଜୁଛି।

# ଯାଜପୁରକୁ ହରାଇ ବ୍ରହ୍ମପୁର ଚାମ୍ପିୟନ



ବିଜେତା ଦଳ ଅତିଥିଙ୍କ ନିକଟରୁ ଟ୍ରଫି ଗ୍ରହଣ କରୁଛନ୍ତି।

## ରାଜ୍ୟସ୍ତରୀୟ କ୍ରିକେଟ୍ ଟୁର୍ନାମେଣ୍ଟ

ବଉଳା,୨୨।୨(ଦୁର୍ଗା ପ୍ରସାଦ ଆୟଚ)

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍‌ର ମା' ଗଡ଼ଚଣ୍ଡୀ ସ୍ପୋର୍ଟ୍ସ ଆସୋସିଏଶନ ପକ୍ଷରୁ ସୁନ୍ଦରାପାଳର ପ୍ରାଣବଲ୍ଲଭ ମିନି ଷ୍ଟାଡ଼ିୟମରେ ଚାଲିଥିବା ଗଡ଼ଚଣ୍ଡୀ ରାଜ୍ୟସ୍ତରୀୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ରବିବାର ଉଦଯାପିତ ହାଇଯାଇଛି। ଫାଇନାଲ ମ୍ୟାଚ୍ ୟୁନାଇଟେଡ୍ ଇଲେଭେନ ବ୍ରହ୍ମପୁର ସହିତ ସିଏସି ଇାନପୁର ଯାଜପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ବ୍ରହ୍ମପୁର ପ୍ରଥମେ ଟସ୍ ଜିତି ନିର୍ଦ୍ଧାରିତ ୨୦ ଓଭରରେ ୧୬୯ ରନ୍ ସଂଗ୍ରହ କରିଥିଲା। ଯାଜପୁର ୨୦ ଓଭରରେ ୯ ୱିକେଟ୍ ହରାଇ ୧୩୪ ରନ୍ ସଂଗ୍ରହ କରିଥିଲା । ବ୍ରହ୍ମପୁରର ସରୋଜ ପଣ୍ଡା ୪୭ ବଲ୍‌ରେ ସର୍ବାଧିକ ୬୪ ରନ୍ ସଂଗ୍ରହ କରି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ଜମ୍ବିରାର ସରପଞ୍ଚ ଘନଶ୍ୟାମ ମଲ୍ଲିକ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଜତିନ୍ଦ୍ର ମଲ୍ଲିକ, ପୂର୍ବତନ ସମିତି ସଭ୍ୟ ବ୍ରହ୍ମାନନ୍ଦ ଜେନା, ଗଡ଼ଚଣ୍ଡୀ ହାଇସ୍କୁଲର ପ୍ରଧାନଶିକ୍ଷକ ଶରତ ଶାସିନୀ ଅତିଥିଭାବେ ଯୋଗଦେଇ ଚାମ୍ପିୟନ ଓ ରନର୍ସଅପ୍ ଦଳକୁ ପୁରସ୍କୃତ କରିଥିଲେ। ଅମ୍ପାୟାର ଭାବେ ବିରେନ୍ଦ୍ର ବେହେରା ଓ ବିଜୟ ଜେନା ଖେଳ ପରିଚାଳନା କରିଥିଲେ। ସୁଶାନ୍ତ ବେହେରା ଧାରା ବିବରଣୀ ପ୍ରଦାନ କରିଥିଲେ। ଗଡ଼ଚଣ୍ଡୀ ସ୍ପୋର୍ଟ୍ସର ସଭାପତି ସୁଧାଂଶୁ ଭୂଷଣ ମଲ୍ଲିକ, ସମ୍ପାଦକ ପ୍ରଦ୍ୟୁମ୍ନ ପାତ୍ର, ଉପସଭାପତି ଜନ୍ମେଜୟ ପାତ୍ର, ପ୍ରଦ୍ୟୁମ୍ନ ରାଉତ, ରତ୍ନାକର ସାହୁ ଖେଳ ପରିଚାଳନା କରିଥିଲେ।

# ମା' ମହାପାଟ ଠାକୁରାଣୀଙ୍କ ମନ୍ଦିର ପ୍ରତିଷ୍ଠା

ଆନନ୍ଦପୁର,୨୨।୨ (ସୁଶାନ୍ତ କୁମାର ସାହୁ)

କେନ୍ଦୁଝର ଜିଲା ଘସିପୁରା ବ୍ଲକ୍ ଗଁପୁର ପଞ୍ଚାୟତ ବରାଙ୍ଗ ମା' ମହାପାଟ ଠାକୁରାଣୀଙ୍କ ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ରବିବାର ପାଳନ କରାଯାଇଛି। ଶତାଧିକ ଶ୍ରଦ୍ଧାଳୁ ଗାଁ ପୁଷ୍କରିଣୀରୁ କଳସ ପୂଜନ କରିବା ପରେ ଶୋଭାଯାତ୍ରାରେ ଆସି ମା'ଙ୍କ ମନ୍ଦିର ପରିସରରେ ଥିବା ଯଜ୍ଞ ମଣ୍ଡପ ନିକଟରେ ସ୍ଥାପନ କରିଥିଲେ। ଆଚାର୍ଯ୍ୟ ପଣ୍ଡିତ ସମିର ତ୍ରିପାଠୀ, ସାଥି ପୂଜା କରିଥିଲେ। ମୁଖ୍ୟକର୍ତ୍ତା ଭାବେ ଗ୍ରାମର ଦିଲୀପ ଜେନା ଏବଂ ତାଙ୍କ ପତ୍ନୀ ଯୋତ୍ସ୍ନାରାଣୀ ଜେନା କାର୍ଯ୍ୟ ସମ୍ପାଦନ କରିଥିଲେ। ସୂର୍ଯ୍ୟପୂଜା, ଷୋଡ଼ଶଉପଚାର ପୂଜା, ଗୁରୁପୂଜା, ଗୋପୂଜା, ପଞ୍ଚକର୍ମ ପରେ ରତ୍ନମୁଦ କାର୍ଯ୍ୟ ପରେ ଦେବୀଙ୍କ ସ୍ନାନ କରାଯାଇ ମନ୍ଦିର ପ୍ରତିଷ୍ଠା ପାଇଁ ହୋମଯଜ୍ଞ ଆରମ୍ଭ କରାଯାଇଛି। ତିନିଦିନ ଧରି ମନ୍ଦିର ପ୍ରତିଷ୍ଠା ଉତ୍ସବ ପାଳନ କରାଯିବ। ଆଦିକନ୍ଦ ଜେନା, ଆନନ୍ଦ ଜେନା, ମିତ୍ର ନାରାୟଣ ଜେନାଙ୍କ ସମେତ ଗ୍ରାମବାସୀ ସହଯୋଗ କରୁଛନ୍ତି।

